

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୬ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 26 April 2026
Vol.No. 36 ■ No.109 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ଆସୁଛି
ସାଗରିକା
(ବିଷୁବ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ୩୦ରେ କମ୍ପିବ ବିଧାନସଭା ମୁହାଁମୁହିଁ ହେବେ ଶାସକ ବିରୋଧୀ



ଭୁବନେଶ୍ୱର, ୨୫/୦୪ : (ନି.ପ୍ର) ସଂସଦରେ ମହିଳା ସଂରକ୍ଷଣ ସଂଶୋଧନ ଓ ସୀମା ପୁନଃନିର୍ଦ୍ଧାରଣ ବିଲ୍ କାଟ ଖାଇବା ପରେ ଏହାକୁ ରାଜନୈତିକ ପ୍ରସଙ୍ଗ କରିଛି ବିଜେପି । ଦିଲ୍ଲୀରୁ ପଲ୍ଲୀ ଯାଏଁ, ବିଜେପି ଏହି ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖରେ ପହଞ୍ଚିଲାଣି । ବିରୋଧୀ ଦଳ ମାନେ ମହିଳା ବିରୋଧୀ ବୋଲି ନାରା ଦେଇ ମହିଳା ଆକ୍ରୋଶ ସମାବେଶ କରୁଛି ବିଜେପି । ମଞ୍ଚ ସାଜିବ ବିଧାନସଭା, ୩୦ରେ କମ୍ପିବ ଗୃହ । ମହିଳା ସଂରକ୍ଷଣକୁ ନେଇ ଆମ୍ନା ସାମ୍ନା ହୋଇପାରନ୍ତି ଶାସକ ଓ ବିରୋଧୀ । ସଂସଦରେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପରେ ବିରୋଧୀଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଥିଲା ଶାସକ ବିଜେପି। ପୂର୍ବରୁ ମହିଳା ସଂରକ୍ଷଣ ପ୍ରସ୍ତାବ ଓଡ଼ିଶା ବିଧାନସଭାରେ ପାରିତ ହୋଇଥିବା ବେଳେ ଏବେ ସ୍ୱତନ୍ତ୍ର ଅଧିବେଶନ ଡକାଯିବା ପଛରେ ଥିବା ରାଜନୈତିକ ଅଭିସନ୍ଧିକୁ ନେଇ ଶାସକ ଦଳକୁ କାଦୁଅ ଫିଙ୍ଗିଛନ୍ତି ବିରୋଧୀ ।

ସଂସଦରେ ମହିଳା ସଂରକ୍ଷଣ ସଂଶୋଧନ ଓ ସୀମା ପୁନଃନିର୍ଦ୍ଧାରଣ ବିଲ୍ କାଟ ଖାଇବା ପରେ ଏହାକୁ ରାଜନୈତିକ ପ୍ରସଙ୍ଗ କରିଛି ବିଜେପି । ଦିଲ୍ଲୀରୁ ପଲ୍ଲୀ ଯାଏଁ, ବିଜେପି ଏହି ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖରେ ପହଞ୍ଚିଲାଣି । ବିରୋଧୀ ଦଳ ମାନେ ମହିଳା ବିରୋଧୀ ବୋଲି ନାରା ଦେଇ ମହିଳା ଆକ୍ରୋଶ ସମାବେଶ କରୁଛି ବିଜେପି । ସଡ଼କରେ ବିରୋଧୀଙ୍କୁ ଘେରୁଥିବା ଶାସକ ଦଳ ଏବେ ବିଧାନସଭାରେ ଘେରିବାକୁ ରଣନୀତି କରିଛି । ଏଥିପାଇଁ ଆସନ୍ତା ୩୦ ତାରିଖରେ ବିଧାନସଭାର ସ୍ୱତନ୍ତ୍ର ଦିନିକିଆ ଅଧିବେଶନ ବସିବ । ଗଣତନ୍ତ୍ରରେ ମହିଳାଙ୍କ ଭାଗିଦାରୀ ନେଇ ହେବ ଆଲୋଚନା । ଚର୍ଚ୍ଚା ହେଉଛି, ମହିଳା ସଂରକ୍ଷଣ ବିଲ୍ ସପକ୍ଷରେ ପ୍ରସ୍ତାବ ପାରିତ କରିବାକୁ ବିଜେପି ଅଣ୍ଟା ଭିଡ଼ିଛି । ଏହାଦ୍ୱାରା ବିରୋଧୀ ଦଳର ମୁଖା ଖୋଲିବାକୁ ମନସ୍ଥିର କରିଛି ଶାସକ ବିଜେପି । ସଂସଦରେ ବିଲ୍ ଆସିବା ପୂର୍ବରୁ ୪୮ ଘଣ୍ଟା ଭିତରେ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ । ହେଲେ ସରକାରଙ୍କ ପକ୍ଷରୁ ସେତେବେଳେ ସ୍ୱତନ୍ତ୍ର ଅଧିବେଶନ ନେଇ କୌଣସି ସଂକେତ ମିଳିନଥିଲା । ଏବେ ସଂସଦରେ ବିଲ୍ କାଟ ଖାଇବା ପରେ ସରକାର ଡାକିଥିବା ସ୍ୱତନ୍ତ୍ର ଅଧିବେଶନକୁ ନେଇ ଚିହିଁକି ଉଠିଛନ୍ତି ବିରୋଧୀ । ବିଜେଡି କହିଛି, ବିରୋଧୀଙ୍କୁ ଦୋଷୀ ଓ ସମାଲୋଚିତ କରିବାକୁ ଅଧିବେଶନ ଡକାଯାଇଛି । କଟାକ୍ଷ କରି କଂଗ୍ରେସ କହିଛି, ଡ୍ରାମା କରୁଛି ବିଜେପି ।

## ଆମେରିକା-ଇରାନ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ତେହେରାନ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବିମାନ ଉଡ଼ାଣ ଆରମ୍ଭ



ନୂଆଦିଲ୍ଲୀ, ୨୫/୦୪ : ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧର ଦୁଇ ମାସ ପରେ ତେହେରାନ ବିମାନବନ୍ଦର ପୁଣି ଖୋଲିଛି। ଯଦିଓ ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ଏବେ ବନ୍ଦ ଅଛି ତଥାପି ଉତ୍ତେଜନା ବୃଦ୍ଧି ପାଇଛି। ଏହି ସମୟରେ, ତେହେରାନର ଇମାମ ଖୋମେନି ଅନ୍ତର୍ଜାତୀୟ ବିମାନବନ୍ଦର ଶନିବାର ସକାଳେ କିଛି ଅନ୍ତର୍ଜାତୀୟ ବିମାନ ଉଡ଼ାଣ ଆରମ୍ଭ କରିଛି। ଇରାନର ମେହର ନ୍ୟୁଜ୍ ଏଜେନ୍ସି ରିପୋର୍ଟ ଅନୁଯାୟୀ, ପ୍ରଥମ ଯାତ୍ରୀମାନେ ମଦିନା, ମସ୍କଟ ଏବଂ ଇସ୍ତାନବୁଲ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶା କରାଯାଉଛି। ଚଳିତ ସପ୍ତାହର ଆରମ୍ଭରେ, ଇରାନର ଉତ୍ତର-ପୂର୍ବରେ ଥିବା ଦ୍ୱିତୀୟ ବୃହତ୍ତମ ସହର ମାଶାଦର ବିମାନବନ୍ଦର ମଧ୍ୟ ପୁନର୍ବାର ଖୋଲାଯାଇଥିଲା। ଏହା ପରେ, ଦେଶର କିଛି ସ୍ଥାନରେ ଧୀରେ ଧୀରେ ବିମାନ ଯାତ୍ରା ଆରମ୍ଭ ହୋଇଛି। ଇରାନ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧରେ ତେହେରାନର ଅନେକ ବିମାନବନ୍ଦର ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ଇସ୍ରାଏଲ ପକ୍ଷରୁ ବାହାମ ବିମାନବନ୍ଦର, ମେହରବାଦ ବିମାନବନ୍ଦର ଏବଂ ଆଜମାୟେଶ୍ ବିମାନବନ୍ଦର ଉପରେ ଆକ୍ରମଣ କରାଯାଇଥିଲା। ଆମେରିକା ଏବଂ ଇସ୍ରାଏଲ ମଧ୍ୟ ଅନେକ ପ୍ରମୁଖ ଇରାନ ସହର ଉପରେ ପ୍ରବଳ ବୋମା ମାଡ଼ କରିଥିଲେ, ଯାହା ଫଳରେ ବହୁ ଧନଜୀବନ ନଷ୍ଟ ହୋଇଥିଲା।

## ପେଟ୍ରୋଲ୍ ପମ୍ପମାନଙ୍କୁ କଡ଼ା ତାଗିଦ୍: ଥରକେ ୫୦ ଲିଟରରୁ ଅଧିକ ପେଟ୍ରୋଲ୍ ବିକ୍ରି ମନା



ଭୁବନେଶ୍ୱର, ୨୫/୪ (ନି.ପ୍ର): ମଧ୍ୟପ୍ରାଚ୍ୟ ଯୁଦ୍ଧ କାରଣରୁ ସମୁଦ୍ର ପଥରେ ତେଲ ଆସି ପାରୁନାହିଁ। ତଥାପି ଆଜି ପର୍ଯ୍ୟନ୍ତ ପେଟ୍ରୋଲ୍ ଓ ଡିଜେଲ୍ର କୌଣସି ଅଭାବ ଦେଖାଦେଇନାହିଁ। ହେଲେ ନିୟମିତ ବ୍ୟବଧାନରେ ଏଭଳି କିଛି କଟକଣା ସାମନାକୁ ଆସୁଛି, ଯାହା ତେଲବଜାର ଉପରେ ଥିବା ଭିତିରି ଚାପକୁ ପଦାରେ ପକାଇଦେଉଛି। ସେଭଳି ଏକ କଟକଣା ଓଡ଼ିଶାରେ ଲାଗୁ ହୋଇଛି। କୌଣସି ଘରୋଇ କମ୍ପାନି ନୁହେଁ, ବରଂ ସରକାରୀ ତୈଳ କମ୍ପାନିଗୁଡ଼ିକ ଥରକେ ୫୦ ଲିଟରରୁ ଅଧିକ ପେଟ୍ରୋଲ୍ (ଏମ୍ଏସ୍) ଓ ୫୦୦ ଲିଟରରୁ ଅଧିକ ହାଇସ୍ପିଡ୍ ଡିଜେଲ୍ (ଏଚ୍ଏସ୍ଡି) ବିକ୍ରି ଉପରେ ରୋକ୍ ଲଗାଇଛନ୍ତି। ପେଟ୍ରୋଲ ପମ୍ପଗୁଡ଼ିକୁ କଡ଼ା ତାଗିଦ୍ କରାଯାଇଛି।

♦♦ପୃଷ୍ଠା ୭

## ସାଳନ୍ଦୀ ନଦୀରେ ବୁଡି ଜେଜେମା ଓ ନାତୁଣୀ ମୃତ

ଭଦ୍ରକ, ୨୫/୦୪ :(ନି.ପ୍ର) ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ତଳଗୋପବିନ୍ଧା ପଂଚାୟତ ଅଧିନ ତଳଗୋପବିନ୍ଧା ପଦାସାହି ଗ୍ରାମର ଗୋଟିଏ ପରିବାରର ଜେଜେମା ଓ ତାଙ୍କ ନାତୁଣୀ ସାଳନ୍ଦୀ ନଦୀରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।ମୃତ ଜେଜେମାଙ୍କ ନାମ ଦୌପଦୀ ବେହେରା (୮୨) ଓ ତାଙ୍କ ନାତୁଣୀ ଲକ୍ଷ୍ମୀପ୍ରିୟା (୧୫) ବୋଲି ଜଣାପଡିଛି। ଏମାନେ ସାଳନ୍ଦୀ ନଦୀ ପାଖକୁ ଦିନ ୧ ଘଟିକା ସମୟରେ ଆମ୍ବ ତୋଳିବାକୁ ଯାଇଥିଲେ। ଆମ୍ବତୋଟା ପାଖରେ ଥିବା ଉଚ୍ଚା ନଦୀବନ୍ଧରୁ ନାତୁଣୀ ଲକ୍ଷ୍ମୀପ୍ରିୟାର ଗୋଡ ଖସିଯିବା ସମୟରେ ସେ ଜେଜେମା ଦ୍ରୌପଦୀଙ୍କ ହାତକୁ ଧରି ପକାଇଥିଲେ। ଫଳରେ ଦୁଇଜଣ ନଦୀରେ ପଡିଯାଇଥିଲେ। ସେମାନେ କିଛି ସମୟଧରି ଘରକୁ ନ ଫେରିବାରୁ ଘରଲୋକ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ନଦୀ ଭିତରୁ ତାଙ୍କ ମୃତ ଦେହକୁ ପାଇଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳର ଶୋକର ଛାୟା ଖେଳି ଯାଇଛି । ଖବରପାଇ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ଜିଲାପାଳ ଦିଲ୍ଲୀପ ରାଉତରାଏ ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ମୃତ ପରିବାରଙ୍କୁ ସମବେଦନା ଜ୍ଞାପନ ପୂର୍ବକ ତ୍ୱରିତ ସରକାରୀ ସହାୟତା ପ୍ରଦାନ ଦିଗରେ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେଇଥିଲେ। ଅନୁରୂପ ସରପଂଚ ସଞ୍ଜୀବ ବେହେରା, ପ୍ରାଣବନ୍ଧୁ ରାଉତ, ଶ୍ରୀକାନ୍ତ ମହାଳିକ, ଗଙ୍ଗାଧର ବେହେରା, ରଞ୍ଜନ ମହାଳିକ ପ୍ରମୁଖ ବହୁ ସ୍ଥାନୀୟ ଲୋକ ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ତାଙ୍କ ବାସଭବନରେ ପହଂଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏକ ଅପମୃତ ମାମଲା ରୁଜୁ କରିଥିବା ଜଣାଯାଇଛି।

## ଆତଙ୍କବାଦୀ ଆକ୍ରମଣ ନେଇ ଦେଶବ୍ୟାପୀ ହାଇ ଆଲର୍ଟ ଜାରି କଲେ ତାରିକ ସରକାର



ନୂଆଦିଲ୍ଲୀ, ୨୫/୦୪ : ସଂସଦ ଭବନ ସମେତ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ନେଇ ଗୁଇନ୍ଦା ରିପୋର୍ଟଗୁଡ଼ିକ ଚିନ୍ତା ପ୍ରକଟ କରିଛି । ଗୁଇନ୍ଦା ରିପୋର୍ଟ ଆଧାରରେ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ସରକାରଙ୍କ ପକ୍ଷରୁ ଆଲର୍ଟ ଜାରି କରାଯାଇଛି । ବାଂଲାଦେଶରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ନେଇ ଶନିବାର ଦିନ ଦେଶବ୍ୟାପୀ ସୁରକ୍ଷା ସତର୍କତା ଜାରି କରାଯାଇଛି । ସଂସଦ ଭବନ ସମେତ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ନେଇ ଗୁଇନ୍ଦା ରିପୋର୍ଟଗୁଡ଼ିକ ଚିନ୍ତା ପ୍ରକଟ କରିଛି । ଗୁଇନ୍ଦା ରିପୋର୍ଟ ଆଧାରରେ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ସରକାରଙ୍କ ପକ୍ଷରୁ ଆଲର୍ଟ ଜାରି କରାଯାଇଛି । ସେ ଏହି ସତର୍କତାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଗୋପନୀୟ ବୋଲି କୁହାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି । ବାଂଲା ଦୈନିକ ପ୍ରଥମ ଆଲୋ ରିପୋର୍ଟ କରିଛି ଯେ, ପୁଲିସ ମୁଖ୍ୟାଳୟର ଚିଠିରେ ସଂସଦ ପରିସର, ପୂଜାସ୍ଥଳ, ମନୋରଞ୍ଜନ ସୁବିଧା, ସାମରିକ ଏବଂ ପୁଲିସ ପ୍ରତିଷ୍ଠାନ ଉପରେ ସମନ୍ୱିତ ଆକ୍ରମଣ ବିଷୟରେ ଚେତାବନୀ ଦିଆଯାଇଛି। ଅସ୍ତ୍ରାଗାରଗୁଡ଼ିକୁ ମଧ୍ୟ ସମ୍ଭାବ୍ୟ ଟାର୍ଗେଟ ଭାବରେ ତାଲିକାଭୁକ୍ତ କରାଯାଇଛି। ଡେଲି ଷ୍ଟାର ଏବଂ ଅନ୍ୟାନ୍ୟ ଖବରକାଗଜ ରିପୋର୍ଟ କରିଛନ୍ତି ଯେ, ଏକ ନିଷିଦ୍ଧ ଆତଙ୍କବାଦୀ ସଂଗଠନର କାର୍ଯ୍ୟକର୍ତ୍ତା ଇସ୍ତିଆକ୍ ଅହମ୍ମଦ ସାମି ଓରଫ ଆବୁ ବକ୍କରଙ୍କୁ ସମ୍ପ୍ରତି ଗିରଫ କରାଯିବା ପରେ ଏହି ସତର୍କତା ଜାରି କରାଯାଇଛି। ତାଙ୍କର ଦୁଇ ଜଣ ବହିଷ୍କୃତ ସେନା କର୍ମଚାରୀଙ୍କ ସହ ସମ୍ପର୍କ ଥିବା ଅଭିଯୋଗ ହୋଇଛି ।

♦♦ପୃଷ୍ଠା ୭

## ତାମିଲନାଡୁ ବାଣ କାରଖାନାରେ ବିସ୍ଫୋରଣ: ୨ ମୃତ




ଚେନ୍ନାଇ, ୨୫/ ୦୪: ମୃତ ଶ୍ରମିକ ଏସ୍ ଦୀନଦୟାଲ (୨୦) ଓ ଏସ୍ ସୂରିଆ (୨୪) ବୋଲି ଜଣାପଡ଼ିଛି। ସକାଳ ୧୦ଟା ସମୟରେ ଶ୍ରମିକଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ରସାୟନରେ ଘର୍ଷଣ ପରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଜୋରଦାର ଥିଲା ଯେ, ନିକଟରେ ଥିବା ଏକ ବିରାଟ ସେଡ୍ ଭୁଶୁଡ଼ି ପଡ଼ିଥିଲା। ତାମିଲନାଡୁର ଥେନି ଜିଲ୍ଲାର କୁମ୍ଭମ୍ ଠାରେ ଶ୍ରୀ ଲକ୍ଷ୍ମୀ ଫାୟାରୱାର୍କସର ଏକ ୟୁନିଟରେ ଶନିବାର ସକାଳେ ବିସ୍ଫୋରଣ ଘଟି ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ଏସ୍ ଦୀନଦୟାଲ (୨୦) ଓ ଏସ୍ ସୂରିଆ (୨୪) ବୋଲି ଜଣାପଡ଼ିଛି। ସକାଳ ୧୦ଟା ସମୟରେ ଶ୍ରମିକଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ରସାୟନରେ ଘର୍ଷଣ ପରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଜୋରଦାର ଥିଲା ଯେ, ନିକଟରେ ଥିବା ଏକ ବିରାଟ ସେଡ୍ ଭୁଶୁଡ଼ି ପଡ଼ିଥିଲା। ବିସ୍ଫୋରଣ ଶବ୍ଦ ୨ କିମି ଦୂର ପର୍ଯ୍ୟନ୍ତ ଶୁଣିବାକୁ ମିଳିଥିଲା। ଦୁଇ ଶ୍ରମିକଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଆହତ ଶ୍ରମିକଙ୍କୁ ଥେନି ସରକାର ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସରକାରୀ ଏକାଉଣ୍ଟ ଉପରେ ସାଇବର ଠକଙ୍କ ନଜର : ବାରିପଦା ବ୍ଲକ ଓ ମ୍ୟୁନିସପାଲିଟି ଖାତାରୁ କୋଟି କୋଟି ଲୁଟ୍



ବାରିପଦା, ୨୫/୦୪ : (ନି.ପ୍ର) ଭଦ୍ର ପୋଷାକ, ମୁହଁରେ ସରକାରୀ ଅଧିକାରୀଙ୍କ ପରି ଭାଷା। ଉଦ୍ଦେଶ୍ୟ ହେଉଛି ଲୁଟ୍। ଘଟଣାଟି ବହୁ ଦିନ ତଳର ହୋଇଥିଲେ ବି ଗତ ଗୁରୁବାର ଏହା ସାମ୍ନାକୁ ଆସିଛି। ବେତନଟୀ ୟୁକୋ ବ୍ୟାଙ୍କ ଶାଖାରେ ଥିବା ବେତନଟୀ ବ୍ଲକ ଆକାଉଣ୍ଟ ଠକେଇର ପ୍ରଥମ ଟାର୍ଗେଟ୍ ଥିଲା। ଜଣେ ଅଣଓଡ଼ିଆ ବ୍ୟକ୍ତି ନିଜକୁ ବିଡିଓଙ୍କ ଲୋକ କହି ଜାଲ୍ ଷ୍ଟାମ୍ପ ଓ ଦସ୍ତଖତ ଜରିଆରେ ଆକାଉଣ୍ଟର ମୋବାଇଲ୍ ନମ୍ବର ଓ ଇମେଲ୍ ଆଇଡି ବଦଳାଇବାକୁ କହିଲେ। ବାରିପଦାରେ ୟୁକୋ ବ୍ୟାଙ୍କରୁ କୋଟି କୋଟି ଟଙ୍କା ଲୁଟିନେଲେ ସାଇବର ଠକ। ବେତନଟୀ ବ୍ଲକ ଓ ବାରିପଦା ମ୍ୟୁନିସିପାଲିଟି ଖାତାରୁ ପ୍ରାୟ ସାଢ଼େ ୩ କୋଟିରୁ ଅଧିକ ଟଙ୍କା ହରିଲୁଟ୍। ସବୁଠାରୁ ଆଶ୍ଚର୍ଯ୍ୟର କଥା, ବ୍ୟାଙ୍କ କର୍ମଚାରୀଙ୍କ ଅବହେଳା ଯୋଗୁଁ ଅତି ସହଜରେ ଲୁଟେରାମାନେ ନିଜ କାମ ହାସଲ କରିଛନ୍ତି। ଯାହାକୁ ନେଇ ଏବେ ବ୍ୟାଙ୍କ କର୍ମଚାରୀଙ୍କ ଭୂମିକା ଉପରେ ଉଠିଛି ବଡ଼ ପ୍ରଶ୍ନବାଚୀ। ଭଦ୍ର ପୋଷାକ, ମୁହଁରେ ସରକାରୀ ଅଧିକାରୀଙ୍କ ପରି ଭାଷା। ଉଦ୍ଦେଶ୍ୟ ହେଉଛି ଲୁଟ୍। ଘଟଣାଟି ବହୁ ଦିନ ତଳର ହୋଇଥିଲେ ବି ଗତ ଗୁରୁବାର ଏହା ସାମ୍ନାକୁ ଆସିଛି।

♦♦ପୃଷ୍ଠା ୭

## ଆମେ ଏପର୍ଯ୍ୟନ୍ତ ଆମ କ୍ଷେପଣାସ୍ତ୍ର କ୍ଷମତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ନିୟୋଜିତ କରିନାହୁଁ



ନୂଆଦିଲ୍ଲୀ, ୨୫/୦୪ : ଆମେରିକା ସହିତ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାର ସମ୍ଭାବନା ମଧ୍ୟରେ ଇରାନ ଏକ ବଡ଼ ବୟାନ ଦେଇଛି। ଇରାନର ସେନା ଦାବି କରିଛି ଯେ ଇସ୍ରାଏଲ ଏବଂ ଆମେରିକା ବିରୋଧରେ ଯୁଦ୍ଧରେ ଏପର୍ଯ୍ୟନ୍ତ ନିଜର ପ୍ରମୁଖ କ୍ଷେପଣାସ୍ତ୍ର କ୍ଷମତା ବ୍ୟବହାର କରିନାହିଁ । ଆମେରିକା ସହିତ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାର ସମ୍ଭାବନା ମଧ୍ୟରେ ଇରାନ ଏକ ବଡ଼ ବୟାନ ଦେଇଛି। ଇରାନର ସେନା ଦାବି କରିଛି ଯେ ଇସ୍ରାଏଲ ଏବଂ ଆମେରିକା ବିରୋଧରେ ଯୁଦ୍ଧରେ ଏପର୍ଯ୍ୟନ୍ତ ନିଜର ପ୍ରମୁଖ କ୍ଷେପଣାସ୍ତ୍ର କ୍ଷମତା ବ୍ୟବହାର କରିନାହିଁ । ଇରାନ ଏହି ଦାବି କରିଛି ଯେତେବେଳେ ସମ୍ପ୍ରତି କ୍ରେମଲିନ ଦ୍ୱାରା ଦିଆଯାଇଥିବା ଏକ ବିବୃତିରେ କୁହାଯାଇଥିଲା ଯେ, ଇରାନ ପାଖରେ କିଛି ରହସ୍ୟମୟ କ୍ଷେପଣାସ୍ତ୍ର ଅଛି କିମ୍ବା ଥାଇପାରେ ଯାହାର କ୍ଷମତା ବିଶ୍ୱ ପାଇଁ ଅଜଣା। ଏବେ ଏହି ବିବୃତି ଦେଇ ଇରାନ ଏକ ପ୍ରକାରେ ରୁଷର ସେହି ଦାବିକୁ ନିଶ୍ଚିତ କରିଛି। ରୁଷର ଦାବି ସତଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏହି ଦାବି ଆମେରିକା ଏବଂ ଇସ୍ରାଏଲକୁ ଚିନ୍ତାରେ ପକାଇଛି। କାରଣ ଡୋନାଲ୍ଡ ଟ୍ରମ୍ପ ଏବଂ ବେଞ୍ଜାମିନ୍ ନେତାନ୍ୟାହୁ ଦାବି କରିଥିଲେ, ଇରାନର କ୍ଷେପଣାସ୍ତ୍ର ପ୍ରଣାଳୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

♦♦ପୃଷ୍ଠା ୭

## ୨୬ରୁ ୨୯ ତାରିଖ ମତ୍ସ୍ୟଜିବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ

ଭୁବନେଶ୍ୱର, ୨୫/୦୪ :(ନି.ପ୍ର) ଆସନ୍ତା ୨୬ରୁ ୨୯ ତାରିଖ ପାଗ ଖରାପ ରହିବା ସହିତ ଉତର ଓଡ଼ିଶା ଓଡ଼ିଶା ଉପକୂଳ ଏବଂ ବାହାରେ ପବନର ବେଗ ଘଂଟା ପ୍ରତି ୪୫ରୁ ୫୫ କି.ମି. ତଥା ଏହାର ଝଟକା ୬୫ କି.ମି. ଛୁଇଁପାରେ । ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ । ତେଣୁ ମତ୍ସ୍ୟଜିବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶନିବାର ଜାରି ହୋଇଥିବା ଟ୍ୱିଟ୍ରୁ ଏହି ସୂଚନା ମିଳିଛି ।

# ପ୍ଲାଷ୍ଟିକ ସଂଗ୍ରହ କରି ପରିବେଶ ସୁରକ୍ଷା କରୁଛନ୍ତି ପ୍ରକୃତି ବନ୍ଧୁ ସରୋଜ ମେହେର

ସମ୍ବଲପୁର, ୨୫/୪ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ କୁଡାପଡାର 'ଗାଁ ପ୍ରକୃତି ବନ୍ଧୁ' ସରୋଜ ମେହେର ପ୍ରକୃତି ପାଇଁ ସବୁ ବେଳେ କାମ କରି ଆସୁଛନ୍ତି। ପରିବେଶ ପାଇଁ ଗଛ, ଜଙ୍ଗଲରେ ବସବାସ କରୁଥିବା ପକ୍ଷୀଙ୍କ ପାଇଁ ଜଳଛତ୍ର, ପରିବେଶର ଜୀବଜନ୍ତୁଙ୍କୁ କ୍ଷତି ନକରି ଫସଲ ଜଗିଛି। କାଚ ବୋତଲ ନୂଆ ନୂଆ ଉପାୟ୍ୟ ସୃଷ୍ଟି କରି ପରିବେଶକୁ ତଥା ପରିବେଶରେ ବାସ କରୁଥିବା ଜୀବଜନ୍ତୁ ସୁରକ୍ଷା ରଖିବା ପାଇଁ ସବୁ ବେଳେ ଯୁଦ୍ଧ କରି ଆସୁଛନ୍ତି ସେହି ପରି ଏବେ ଗ୍ରୀଷ୍ମ ସମୟରେ ବହୁ ମାତ୍ରା ରେ ଦୁକାନ ବଜାର ରେ ପାଣି ବୋତଲ ଥଣ୍ଡା ବୋତଲ ବିକ୍ରି ଚାଲିଛି ଲୋକ ମାନେ ପର୍ଯ୍ୟଟ ସ୍ଥଳ, ମନ୍ଦିର ପରିସର,ସମୁଦ୍ର ପାଖ ରେ ପିଇ ସେହି ପ୍ଲାଷ୍ଟିକ ବୋତଲ କୁ ପୋଫଡି ଦେଉଛନ୍ତି ସେଇ ପ୍ଲାଷ୍ଟିକ ବୋତଲ ପରିବେଶ ତଥା ସମାଜ ପାଇଁ କ୍ଷତିକାରକ। ଏହି ପ୍ଲାଷ୍ଟିକ ଖାଇ ବିଭିନ୍ନ ସମୟରେ ଗାଈଗୋରୁ ମରିଯାଉଛନ୍ତି। ସେହିପରି ମଣିଷ ମାନଙ୍କୁ ବିଭିନ୍ନ ରୋଗ ଆକ୍ରମଣ କରୁଛି। ଏବେ ଗ୍ରୀଷ୍ମ ସମୟରେ ଅଧିକ ଭାବରେ ପ୍ଲାଷ୍ଟିକ ବୋତଲ ଛୁଆ ଠାରୁ ବୁଢା ଯାଏ ବ୍ୟବହାର କରୁଛନ୍ତି। ଏହି ପ୍ଲାଷ୍ଟିକ ବୋତଲ ନଳା ନର୍ଦ୍ଦମା ଠୁ ଆରମ୍ଭ କରି ଖେଳ ପଡିଆରେ ପଡ଼ି ବର୍ଷବର୍ଷ ଧରି ପରିବେଶ ନଷ୍ଟ କରୁଛି। ଏହି ପ୍ଲାଷ୍ଟିକ ଆବର୍ଜନା ନଷ୍ଟ ହେବାପାଇଁ ସର୍ବନିମ୍ନ ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗିଥାଏ। ପ୍ଲାଷ୍ଟିକ ବ୍ୟବହାର ଦିନକୁ ଦିନ ବଢି ବଢି ଚାଲିଛି। ତାକୁ ଲକ୍ଷ୍ୟ କରି ପ୍ରକୃତି ବନ୍ଧୁ ସରୋଜ ମେହେର ୧ ଲିଟର ଓ ୨ ଲିଟର ପାଣି ବୋତଲ ବିଭିନ୍ନ ସ୍ଥାନ ରୁ ସଂଗ୍ରହ କରୁଛନ୍ତି ସମାଜ ଓ ପରିବେଶକୁ ସୁସ୍ଥ ରଖିବା ପାଇଁ ତାଙ୍କର ଚେଷ୍ଟା ଲାଗି ରହିଛି। ଏହି ପ୍ଲାଷ୍ଟିକକୁ ସମାଜରେ କମ୍ କରିବାକୁ ହେଲେ ପ୍ଲାଷ୍ଟିକ କମ ବ୍ୟବହାର କରିବାକୁ ହେବ। ତା' ସହିତ ଯାହା ପ୍ଲାଷ୍ଟିକ ବୋତଲ ଆଣୁଛୁ ତାହାକୁ ଯଦି ଘରର ଉପକରଣରେ ସିମୀତ ରଖି ଛୋଟ ଛୋଟ ଖେଳନା ତିଆରି କରବା ଓ ବୋତଲରେ ଗଛ ଲଗାଇବା ଭଳି କାର୍ଯ୍ୟରେ ବିନିଯୋଗ କରନ୍ତେ ଏବଂ ଅଦରକାରୀ ପ୍ଲାଷ୍ଟିକକୁ ସଂଗ୍ରହ କରି ପୋଡ଼ି ଦେବା ତେବେ ପରିବେଶ ନିଶ୍ଚିନ୍ତ ସୁଧୁରି ପାରିବ। ଏଥିପ୍ରତି ପ୍ରତ୍ୟେକ ସ୍ତରରେ ସଚେତନ ରହିବା ସହ ଏ ଦିଗରେ ସଠିକ୍ ଉଦ୍ୟମ କରାଯାଇ ପାରିଲେ ଆଗାମୀ ଦିନରେ ନିଶ୍ଚିତ ଜନଜୀବନ ସୁଧୁରି ପାରନ୍ତା ବୋଲି ପ୍ରକୃତି ବନ୍ଧୁ ଆହ୍ୱାନ ଦେଇଛନ୍ତି।

# ସମ୍ବଲପୁରରେ ଜେଏସଡବ୍ଲ୍ୟୁ ଏବଂ ଜାପାନର ଜେଏଫଇ ଷ୍ଟିଲ୍ ଯୌଥ ଉଦ୍ୟମର ଶୁଭାରମ୍ଭ

ସମ୍ବଲପୁର, ୨୫/୪ (ନି.ପ୍ର): ସମ୍ବଲପୁର ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଭାରତର ଅଗ୍ରଣୀ ଇସ୍ପାତ ନିର୍ମାତା ଜେଏସଡବ୍ଲୁ ଏବଂ ଜାପାନର ପ୍ରସିଦ୍ଧ ଜେଏଫଇ ଷ୍ଟିଲ୍ କର୍ପୋରେସନ ମଧ୍ୟରେ ଶୁକ୍ରବାର ଯୌଥ ଉଦ୍ୟମ ସ୍ଥାପନର ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । 'ଜେଏସଡବ୍ଲୁ ଜେଏଫଇ ଷ୍ଟିଲ୍ ଲିମିଟେଡ'ର ଏହି ବିକାଶମୂଳକ ପ୍ରକଳ୍ପ ଦ୍ୱାରା ସମ୍ବଲପୁର ଓ ଝାରସୁଗୁଡ଼ା ସମେତ ଓଡ଼ିଶା ଦେଶର ଅଗ୍ରଣୀ ମ୍ୟାନୁଫ୍ୟାକଚରିଂ ଏବଂ ଲଜିଷ୍ଟିକ୍ ହବ୍ ରେ ପରିଣତ ହେବ ବୋଲି ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ଐତିହାସିକ ସହଭାଗିତାକୁ ଶ୍ରୀ ପ୍ରଧାନ ସ୍ୱାଗତ କରିବା ସହ କହିଛନ୍ତି, ଏହି ବୃହତ ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ, ଯାହା ମୁଖ୍ୟତଃ ଉଚ୍ଚମାନର ଗୁଣାତ୍ମକ ଇସ୍ପାତ ଉତ୍ପାଦନ ଉପରେ କେନ୍ଦ୍ରିତ ହେବ । ୧୯୫୨ ମସିହାରୁ ଭାରତ ଏବଂ ଜାପାନ ମଧ୍ୟରେ ରହିଥିବା ଦୃଢ଼ କୂଟନୈତିକ ସମ୍ପର୍କ ଆଗାମୀ ୨୦୨୭ ମସିହାରେ ୭୫ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ଏହି ନିବେଶ ଉଭୟ ଦେଶର ସମ୍ପର୍କକୁ ଆହୁରି ମଜବୁତ କରିବ । ଓଡ଼ିଶା ଏବଂ ଜାପାନ ମଧ୍ୟରେ ଥିବା ଗଭୀର ଆଧ୍ୟାତ୍ମିକ ସମ୍ପର୍କ ଉପରେ ଆଲୋକପାତ କରି ସେ କହିଛନ୍ତି ଯେ, ଜେଏଫଇ କମ୍ପାନୀ ପ୍ରଥମ ଥର ପାଇଁ ଜାପାନ ବାହାରକୁ ଆସି ଭାରତର ଜେଏସଡବ୍ଲୁ ସହ ମିଶି ଓଡ଼ିଶାରେ କାର୍ଯ୍ୟ କରୁଛି, ଯେଉଁଠାରେ ଉଭୟ କମ୍ପାନୀ ମିଳିତ ଭାବେ ବାର୍ଷିକ ପ୍ରାୟ ୫୯ ମିଲିୟନ ମେଟ୍ରିକ ଟନରୁ ଅଧିକ ଇସ୍ପାତ ଉତ୍ପାଦନ କ୍ଷମତା ରଖୁଛନ୍ତି । ଜେଏସଡବ୍ଲୁ ଏବଂ ଜେଏଫଇର ମିଳନ କେବଳ ଏକ ବ୍ୟବସାୟିକ ଚୁକ୍ତି ନୁହେଁ, ବରଂ ଏହା ଜାପାନର ବୈଷୟିକ ଉତ୍କର୍ଷତା ଏବଂ ଭାରତର ଶିଳ୍ପ ଦକ୍ଷତା ସହିତ ଉତରଦାୟୀ ବିକାଶର ଏକ ସମନ୍ୱୟ । ଏହା ସହିତ ଏହି ପ୍ରକଳ୍ପ 'ଗ୍ରୀନ୍ ଷ୍ଟିଲ୍' ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ପରିବେଶ ସୁରକ୍ଷା କ୍ଷେତ୍ରରେ ମଧ ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ଜେଏସଡବ୍ଲୁ ଏବଂ ଜାପାନର ଜେଏଫଇ ଷ୍ଟିଲ୍ କର୍ପୋରେସନ ମଧ୍ୟରେ ୫୦:୫୦ ଭାଗିଦାରୀରେ ସମ୍ବଲପୁରରେ ଅବସ୍ଥିତ ଜେଏସଡବ୍ଲୁ ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନ୍ ରୁ ୧୦ ମିଲିୟନ ଟନକୁ ବୃଦ୍ଧି କରାଯିବାର ଯୋଜନା ରହିଛି । ଏହି ପୁଞ୍ଜିନିବେଶ ଦ୍ୱାରା ସମ୍ବଲପୁର, ଝାରସୁଗୁଡ଼ା ଏବଂ ସମଗ୍ର ପଶ୍ଚିମ ଓଡ଼ିଶା ଅଞ୍ଚଳ ଏକ ଅଗ୍ରଣୀ ମ୍ୟାନୁଫ୍ୟାକଚରିଂ ଏବଂ ଲଜିଷ୍ଟିକ୍ ହବ୍ ଭାବେ ଉଭା ହେବ । ଶିଳ୍ପ ପ୍ରତିଷ୍ଠା ସହିତ ସ୍ଥାନୀୟ ନିଯୁକ୍ତି, ଦକ୍ଷତା ବିକାଶ ଏବଂ ସାମାଜିକ ସହଭାଗିତାକୁ ପ୍ରାଧାନ୍ୟ ଦେବା ପାଇଁ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ହଜାର ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଏହି ପ୍ରକଳ୍ପ ଓଡ଼ିଶାର ଅର୍ଥନୀତି ପାଇଁ ଏକ 'ଗେମ୍ ଚେଞ୍ଜର' ସାବ୍ୟସ୍ତ ହେବ । ଏହି ପ୍ରକଳ୍ପ ଜରିଆରେ ଓଡ଼ିଶା ବିଶ୍ୱର ଇସ୍ପାତ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବ । ଆଞ୍ଚଳିକ ବିକାଶ ଏବଂ ନିଯୁକ୍ତି ସୁଯୋଗ ସମ୍ପର୍କରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଗତ ୨୫ ବର୍ଷ ମଧ୍ୟରେ ସୁନ୍ଦରଗଡ଼ରୁ ବରଗଡ଼ ପର୍ଯ୍ୟନ୍ତ ଅଂଚଳ ଏକ ପ୍ରମୁଖ ଶିଳ୍ପ କ୍ଲଷ୍ଟର ଭାବେ ଉଭା ହୋଇଛି, ଯେଉଁଠାରେ ବିମାନବନ୍ଦର ଓ ଆଧୁନିକ ସୁବିଧା ସୁଯୋଗ ଉପଲବ୍ଧ ହେଲାଣି । ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପରିସରରେ 'ଜୋହୋ ସ୍କିଲ୍ ହବ୍'ର ଲୋକାର୍ପଣ ହୋଇଛି । ଏହା ଦ୍ୱାରା ସମ୍ବଲପୁରର ୨୫ ଜଣ ଯୁବବର୍ଗ ବର୍ତମାନ ଜାପାନୀ ଭାଷା ଶିକ୍ଷା କରୁଛନ୍ତି, ଯାହାଫଳରେ ସେମାନେ ଏହି ଜାପାନୀ ପ୍ରକଳ୍ପରେ ସିଧାସଳଖ ନିଯୁକ୍ତି ପାଇପାରିବେ । ଏହାକୁ ସେ 'ବାଏ ୱାନ-ଗେଟ୍ ୱାନ ଫ୍ରିଂ' ର ଆଖ୍ୟା ଦେଇ କହିଛନ୍ତି ଯେ ନିବେଶକମାନେ ଏଠାରେ କେବଳ କାରଖାନା ନୁହେଁ, ବରଂ ଦକ୍ଷ ଓ ଭାଷାଜ୍ଞାନ ଥିବା ଯୁବଶକ୍ତି ମଧ ପାଇପାରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୱେଲଥ୍ କ୍ରିଏଟରମାନଙ୍କୁ ସମ୍ମାନ' ମନ୍ତ୍ରକୁ ଦୋହରାଇ ସେ କହିଛନ୍ତି ଯେ, ଶିଳ୍ପାୟନ ମାଧ୍ୟମରେ ହିଁ ଦେଶର ବିକାଶ ଓ ଗରିବ କଲ୍ୟାଣ ସମ୍ଭବ । ଆଜିର ଏହି ପଦକ୍ଷେପ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜେଏସଡବ୍ଲୁ ଗ୍ରୁପ ଓ ଜେଏଫଇ ଷ୍ଟିଲ୍ କର୍ପୋରେସନକୁ ଧନ୍ୟବାଦ ଜଣାଇଛନ୍ତି ।

## କେମ ପକ୍ଷରୁ ବିଶ୍ୱ ପୁସ୍ତକ ଦିବସ ପାଳନ

କେନ୍ଦ୍ରାପଡ଼ା, ୨୫/୪ (ନି.ପ୍ର): ଡିଜିଟାଲ ମାଧ୍ୟମର ଦ୍ରୁତ ପରିପ୍ରସାର ସତ୍ତ୍ୱେ ମୁଦ୍ରିତ ପୁସ୍ତକର ଭୂମିକା ସବୁ ପ୍ରତିକୂଳତା ସତ୍ତ୍ୱେ ମଧ ପାଠକସହ ଯୋଡ଼ିହୋଇ ରହିବ ବୋଲି ବିଶ୍ୱ ପୁସ୍ତକ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ରାପଡ଼ାରେ ରାଜ୍ୟସ୍ତରୀୟ ପୁସ୍ତକମେଳାର ଆୟୋଜକ କେନ୍ଦ୍ରାପଡ଼ା ଇଭେଂଟ ମ୍ୟାନେଜର୍ସ(କେମ୍) ଦ୍ୱାରା ସ୍ଥାନୀୟ ମାଧପୁର ଠାରେ ବିଶ୍ୱ ପୁସ୍ତକ ଦିବସ ଅବସରରେ ଏକ ସଭା ଆୟୋଜିତ ହୋଇଯାଇଛି। ଏଠାରେ ପ୍ରକାଶଯୋଗ୍ୟ ଯେ ୧୯୯୫ ମସିହାରୁ ୟୁନେସ୍କୋ ଦ୍ୱାରା ପ୍ରତିବର୍ଷ ୨୩ ଏପ୍ରିଲ୍‌କୁ ବିଶ୍ୱ ପୁସ୍ତକ ଦିବସ ରୂପେ ପାଳନ କରାଯାଇଆସୁଛି। ପୁସ୍ତକ ପଠନ ପ୍ରତି ଆଗ୍ରହ ଓ କପିରାଇଟ ପ୍ରତି ସଚେତନତା ସୃଷ୍ଟି ଏହାର ଉଦ୍ଦେଶ୍ୟ। ସମ୍ପ୍ରତି ମୋବାଇଲ ଓ ଡିଜିଟାଲ ମାଧ୍ୟମର ବହୁଳ ବ୍ୟବହାର ଛାପାପୁସ୍ତକ ପଠନ ପ୍ରତି ଆଗ୍ରହ କମାଇଦେଇଛି ବୋଲି ଏହି ଅବସରରେ ଯୋଗଦେଇଥିବା ଅତିଥି ଓ ସାହିତ୍ୟିକମାନେ ମତପ୍ରକାଶ କରିଥିଲେ। କେମ୍‌ର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଂଚାଳନରେ କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବପୁରାତନ ଜୁବୁଲି ଲାଇବ୍ରେରୀର ସମ୍ପାଦକ ଓ ବରିଷ୍ଠ ସାମ୍ବାଦିକ ଆଶିଷ ସେନାପତି, ଜିଲ୍ଲାର ସର୍ବପୁରାତନ ଛାପାକଳ ବଳଦେବ ପ୍ରେସର ସତ୍ତ୍ୱାଧିକାରୀ ପ୍ରଦୀପ୍ତ ଜେନା ଓ ସୁନାମଧନ୍ୟ ପ୍ରଚ୍ଛଦଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇ ବିଭିନ୍ନ ଦୃଷ୍ଟିକୋଣରୁ ମୁଦ୍ରିତ ପୁସ୍ତକ ଅସ୍ତିତ୍ୱର ଉଭୟ ସବଳ ଓ ଦୁର୍ବଳ ଦିଗଗୁଡ଼ିକ ସମ୍ପର୍କରେ ଯୁକ୍ତି ଉପସ୍ଥାପନା କରିଥିଲେ।

# ଜନଗଣନା ୨୦୨୭ ପାଇଁ ସଚେତନତା

କେନ୍ଦ୍ରାପଡ଼ା, ୨୫/୪ (ନି.ପ୍ର): ଜନଗଣନା ୨୦୨୭ ପାଇଁ ସଚେତନତା ଓ ଜାଗୃକତା ସୃଷ୍ଟି ସହ ଚାଲିଥିବା ଜନଗଣନା ୨୦୨୭ କୁ ସୁଚାରୁ ଓ ସଫଳତାର ସହିତ ସମ୍ପନ୍ନ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସଚେତନତା ଓ ଜାଗୃକତା ବୈଠକ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ହଲଠାରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ନବକ୍ରିଷ୍ଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜନଗଣନାର ଗୁରୁତ୍ୱ, ଏହାର ଉଦ୍ଦେଶ୍ୟ ଓ ପ୍ରକ୍ରିୟା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଉଲ୍ଲେଖ କରିଥିଲେ ଯେ, ଜନଗଣନା ଦେଶର ଯୋଜନାମୂଳକ ଉନ୍ନତି ପାଇଁ ଏକ ମୂଳ ଭିତି ତଥ୍ୟ ଯୋଗାଇଥାଏ, ଯାହା ଉପରେ ଆଗାମୀ ନୀତି ନିର୍ଦ୍ଧାରଣ କରାଯାଇଥାଏ। ସେହିପରି ସଠିକ ଓ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ଅତ୍ୟନ୍ତ ଆବଶ୍ୟକ। ଅତିରିକ୍ତ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ, କ୍ଷେତ୍ର ସ୍ତରର କର୍ମଚାରୀ ଓ ଅନ୍ୟାନ୍ୟ ହିତାଧିକାରୀଙ୍କୁ ନିଜ ନିଜ ଅଂଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚାଲାଇବାକୁ ପରାମର୍ଶ ଦେଇଥିଲେ। ସାଧାରଣ ଲୋକଙ୍କୁ ଜନଗଣନାର ଗୁରୁତ୍ୱ, ତାଙ୍କର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରିବା ସହିତ ସଠିକ ତଥ୍ୟ ଯୋଗାଇବାକୁ ପ୍ରୋତ୍ସାହନ ଦେବା ଉପରେ ବିଶେଷ ଜୋର ଦିଆଯାଇଥିଲା। ଏହାସହିତ ଜନଗଣନା ଅଧିକାରୀମାନେ କେଉଁ କେଉଁ ଦିଗ ପ୍ରତି ଧାନ ଦେଇ କାର୍ଯ୍ୟ କରିବେ ସେଥିପ୍ରତି ବିସ୍ତୃତ ଆଲୋଚନା ହୋଇଥିଲା। ଆଜିର ବୈଠକରେ ଅନଲାଇନ ମାଧ୍ୟମରେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ପୌରାଂଚଳର ବିଡ଼ିଓ, ତହସିଲଦାର, ପୌରାଧିକାରୀ ସମେତ ଜନପ୍ରତିନିଧି ଏବଂ ବିଭିନ୍ନ ବର୍ଗର ଜନସାଧାରଣ ଯୋଗଦେଇଥିଲେ। ବୈଠକରେ ସଚେତନତା ଓ ଜାଗୃକତା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ମୋଡାଲିଟି ଓ କାର୍ଯ୍ୟାପନ୍ଥା ତିଆରି କରାଯାଇଥିଲା। ସମସ୍ତ ବିଭାଗଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପ୍ରଭାବଶାଳୀ ଭାବେ ରୂପାୟଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ମୁଖ୍ୟାଳୟରେ ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ମୁନିସିପାଲିଟି ଅଧକ୍ଷା ସରିତା ସାହୁ, କେନ୍ଦ୍ରାପଡ଼ା ତହସିଲଦାର କୁଇନି ଜେନା, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ଶେଖର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଡେପୁଟି କଲେକ୍ଟର ସରୋଜ କୁମାର ବେହେରା ଏବଂ ଶୁଭଦର୍ଶିନୀ ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି ଯେ, ସମସ୍ତଙ୍କ ସକ୍ରିୟ ସହଭାଗିତା ଓ ସହଯୋଗରେ ଜନଗଣନା ୨୦୨୭ କୁ ସଫଳତାର ସହିତ ସମାପନ କରାଯିବ।

# ଜାତୀୟ ପଂଚାୟତିରାଜ ଦିବସ ପାଳିତ

ପୁରୀ, ୨୫/୪ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ପଂଚାୟତିରାଜ ଦିବସ ଆଜି ଅପରାହ୍ନରେ ଟାଉନହଲ ଠାରେ ଅନୁଷ୍ଠିତ ହୋଇଥିଲା। ପୁରୀ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପଂଚାୟତରାଜ ବ୍ୟବସ୍ଥା ସାଧାରଣ ଲୋକ ମାନଙ୍କ ଆଶା ଭରସାର ପ୍ରତୀକ। ଏହା ସାମ୍ବିଧାନିକ ଅଧିକାର ମଧ ବୋଲି କହିଥିଲେ। ରାସ୍ତାଘାଟ ନିର୍ମାଣ, ଗମନାଗମନ, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ପାନୀୟ ଜଳ ଯୋଗାଣ ଇତ୍ୟାଦି ମୌଳିକ ଆବଶ୍ୟକତାକୁ ପୂରଣ ଦିଗରେ ପଂଚାୟତିରାଜ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମ ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥା ପ୍ରଚଳିତ। ପ୍ରତ୍ୟେକଙ୍କ ବିକାଶ ଓ ଉନ୍ନତି ପାଇଁ ଏହା କାର୍ଯ୍ୟ କରୁଛି ବୋଲି ଶ୍ରୀ ମହାନ୍ତି କହିବା ସହ ଅନ୍ତୋଦୟ ଗୃହ ଯୋଜନାର ହିତାଧିକାରୀ ମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କରି ପ୍ରୋତ୍ସାହନ ରାଶି ହାତେଇବାକୁ ଅନୁରୋଧ କରିଥିଲେ। ପୁରୀ ସଦର ପଂଚାୟତ ସମିତି ଅଧକ୍ଷ ଦିବାକର ପାତ୍ର ଯୋଗଦେଇ ଜାତୀୟ ପଂଚାୟତିରାଜ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ନେହା ଅରୁଗୁଳା ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ଅତିଥି ମାନେ ଅନ୍ତୋଦୟ ଗୃହ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ପୁରୀ ଜିଲ୍ଲାର ୧୮୫୨ ଜଣଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ଆଜି କାର୍ଯ୍ୟାଦେଶ ବଂଟନର ବ୍ୟବସ୍ଥା ରହିଥିବା ବେଳେ ପୁରୀ ସଦର ବ୍ଲକ ର ୨୦୬ ଜଣଙ୍କୁ କାର୍ଯ୍ୟାଦେଶ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କରିଥିବାରୁ ୫ ଜଣଙ୍କୁ ପ୍ରୋତ୍ସାହନ ଅର୍ଥ ପ୍ରଦାନ କରାଯାଇଥିଲା। ବଲାଙ୍ଗୀର ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଜାତୀୟ ପଂଚାୟତିରାଜ ଦିବସର ସିଧା ପ୍ରସାରଣ କରାଯାଇଥିଲା।

# ଜୟଦେବଙ୍କ ପୀଠରେ ଅଶ୍ଳୀଳ ନୃତ୍ୟ ଫେରାଦ୍ ହେଲେ ସନ୍ଥ ସମାଜ

ଖୋର୍ଦ୍ଧା, ୨୫/୪ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା କେନ୍ଦୁବିଲ୍ୱ ସ୍ଥିତ ଜୟଦେବଙ୍କ ପୀଠରେ ଯାତ୍ରା ପାର୍ଟି ଓ ଲଙ୍ଗଳା ନୃତ୍ୟକୁ କେନ୍ଦ୍ର କରି ଉଠିଛି ଝଡ଼। ଏହା ବିରୋଧରେ ସନ୍ଥ ସମାଜ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଫେରାଦ୍ ହୋଇଛନ୍ତି। ଜୟଦେବ ହେଉଛନ୍ତି ଆମ ଜଗନ୍ନାଥ ସଂସ୍କୃତିର କର୍ଣ୍ଣଧାର। ତାଙ୍କର ଏ ପବିତ୍ର ମାଟିରେ ଏଭଳି ଅଶୋଭନୀୟ ନୃତ୍ୟ ଆଦୌ ଶୁଭନୀୟ ନୁହେଁ। ତେଣୁ, ତୁରନ୍ତ ନାଚ ବନ୍ଦ କରିବାକୁ ସନ୍ଥ ସମାଜ ଦାବି କରି ଆଜି ଜିଲ୍ଲା ପ୍ରଶାସନ ନିକଟରେ ଫେରାଦ୍ ହୋଇଛି। ସ୍ଥାନୀୟ ସରପଂଚ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ନେତୃତ୍ୱରେ ସନ୍ଥ ସମାଜ ଆଜି ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଭେଟିଥିଲେ। ସେ ଅଭିଯୋଗ କରିଥିଲେ ଯେ, ଏଭଳି ଅଭଦ୍ର ନୃତ୍ୟ ଗଲାକାଲିଠାରୁ ଆରମ୍ଭ ହୋଇ ସାରିଛି। ଜୟଦେବଙ୍କ ପୀଠ ହେଉଛି ସଂସ୍କୃତି ବିଭାଗର। କାହା ଠାରୁ ଅନୁମତି ନନେଇ ପୀଠର ପାଚେରିକୁ ଭାଙ୍ଗି ଦିଆଯାଇଛି। ତା' ମଧ୍ୟରେ ମଦ, ମାଂସର ଆସର ଜମାଇ ସଂସ୍କୃତି ନାଁରେ ଅପସଂସ୍କୃତିକୁ ପ୍ରୋତ୍ସାହିତ କରାଯାଉଛି। ଯାହାକୁ କଦାବି ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦିଆଯାଇଛି। ସମାଜ ପକ୍ଷରୁ ଅଭିଯୋଗ କରାଯାଇଛି କି, ଗତକାଲି ଯାତ୍ରା ଆରମ୍ଭ ହେବା ପୂର୍ବରୁ ବି ଏନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତା' ସତ୍ତ୍ୱେ ଗତକାଲି ରାତିରେ ଯାତ୍ରା ଚାଲିଥିଲା। ଅଭିଯୋଗ ମୁତାବକ, ଯାତ୍ରା ପାଇଁ ଅନ୍ୟୁନ ସ୍ଥାନର ଅନୁମତି ଲୋଡ଼ା। ଏ ସ୍ଥାନ ହେଉଛି ସଂସ୍କୃତି ବିଭାଗର। ସଂସ୍କୃତି ବିଭାଗଠାରୁ କୌଣସି ଅନୁମତି ନ ନେଇ କେମିତି ଯାତ୍ରା ଆୟୋଜନ କରାଯାଇଛି ବୋଲି ସମାଜ ପକ୍ଷରୁ ସ୍ୱାମୀ ଆନନ୍ଦରାଜା, ଭାବଗ୍ରାହୀ ଗୋସାଇଁ, ଅର୍ଦ୍ଧେନ୍ଦୁ ଶେଖର ଦାସ, ଅଶୋକ କୁମାର ଦାଶ, ସ୍ୱାମୀ ଆଦିତ୍ୟାନନ୍ଦାଚାର୍ଯ୍ୟ, ପ୍ରଶାନ୍ତ କୁମାର ଦାସ, ବିଷ୍ଣୁ ଚରଣ ଦାଶ, ଅଜୟ କୁମାର ପରିଜା, ସ୍ୱାମୀ ଆନନ୍ଦ ଶଙ୍କର ପ୍ରମୁଖ ପ୍ରଶ୍ନ କରିଛନ୍ତି। ବିନା ଅନୁମତିରେ ଯାତ୍ରା ଆୟୋଜନ କରାଯାଇଥିଲେ ତାକୁ ବନ୍ଦ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ପ୍ରତିଶ୍ରୁତି ଦେଇଛନ୍ତି।

# ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଭାବେ ଦାୟିତ୍ୱ ନେଲେ ଓମ ପ୍ରକାଶ ମିଶ୍ର

ପୁରୀ, ୨୫/୪ (ନି.ପ୍ର): ପୁରୀ ଜିଲ୍ଲା ଯୋଜନା ବୋର୍ଡ ର ଅଧକ୍ଷ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର। ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଂଚିବା ପରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଶ୍ରୀ ମିଶ୍ରଙ୍କୁ ସ୍ୱାଗତ କରିଥିଲେ। ସେଠାରେ ଶ୍ରୀ ମିଶ୍ର ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଶ୍ରୀ ମିଶ୍ରଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମିଶ୍ର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସରକାରଙ୍କର ପ୍ରତ୍ୟେକ ଯୋଜନା ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ। ଏହାର ସଫଳ ରୂପାୟନ ସହ ଯୋଗ୍ୟ ହିତାଧିକାରୀ ତାହାର ସୁଫଳ ପାଇବା ଉଚିତ। ତେଣୁ ଉପଯୁକ୍ତ ହିତାଧିକାରୀ ଚୟନ, ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମାପନ, ମୌଳିକ ଆବଶ୍ୟକତା ପୂରଣ ଓ ସାଧାରଣ ଲୋକ ମାନଙ୍କ ଅଭିଯୋଗ ଗୁଡିକର ନିୟମ ଅନୁସାରେ ତ୍ୱରିତ ସମାଧାନ ପାଇଁ ଅଧକ୍ଷ ଶ୍ରୀ ମିଶ୍ର ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସରକାର ଓ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରଶାସନ ସେତୁ ସଦୃଶ୍ୟ। ଏହା ଯେତେ ମଜବୁତ ହେବ ବିକାଶ ସେତିକି ତ୍ୱରାନ୍ୱିତ ହେବ। ସରକାର ପୁରୀ ଜିଲ୍ଲା ପାଇଁ ଅନେକ ବୃହତ ପ୍ରକଳ୍ପ ମାନ କରୁଛନ୍ତି। ବିମାନ ବନ୍ଦର ମଧ କରାଯାଉଛି। ତେଣୁ ସମସ୍ତଙ୍କ ସହଯୋଗରେ ପୁରୀ ଜିଲ୍ଲାକୁ ଆଗାମୀ ମାର୍ଚ୍ଚ ସୁଦ୍ଧା ପ୍ରଥମ ୭ଟି ସ୍ଥାନରେ ରଖିବାକୁ ସେ ଆହ୍ୱାନ ଦେଇଥିଲେ। କୌଣସି ଟେବୁଲରେ ଯେପରି ଅହେତୁକ ଭାବେ ଫାଇଲ ନ ଅଟକେ ଓ ଧାଡିର ଶେଷ ଲୋକ ନିକଟରେ ଯେପରି ବିକାଶ ପହଂଚେ ତାହା ଦେଖିବା ଆମ ସମସ୍ତଙ୍କର ଦାୟିତ୍ୱ । ନିଜ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରି ନିଜର ପରିଚୟ ସୃଷ୍ଟି ସହ ଅନ୍ୟ ମାନଙ୍କ ପାଇଁ ଉଦାହରଣ ହେବାକୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗଦେଇ ଜିଲ୍ଲାର ପ୍ରଗତି ଓ ବିକାଶରେ ଯୋଜନା ବୋର୍ଡ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସାମୁହିକ ଉଦ୍ୟମରେ ଏହାକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଥିଲେ।ପ୍ରାରମ୍ଭରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏସ ପି ପ୍ରତୀକ ସିଂ, ପୁରୀ ଡିଏଫଓ ଧନଜି ରାଓସୋ ମଗର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପୁରୀ ମୁନିସିପାଲ କର୍ପୋରେସନ ର କମିଶନର ସ୍ନେହା ଅରୁଗୁଳା, ଚିଲିକା ଡିଏଫଓ ଅମ୍ଲାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ ଜିଲ୍ଲା ସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଉପସ୍ଥିତ ରହି ସେମାନଙ୍କ ପରିଚୟ ଓ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଅଧକ୍ଷଙ୍କୁ ଅବଗତ କରାଇଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ସେତୁ ଓ ଜନମନ ଯୋଜନା କାର୍ଯ୍ୟର ଅନୁଧ୍ୟାନ: ନାରିଙ୍ଗଝୋଲାକୁ ଏକ ଆଦର୍ଶ ଗ୍ରାମ ଭାବେ ଗଢ଼ିବାକୁ ପ୍ରଶାସନର ଗୁରୁତ୍ୱ

ମାଲକାନଗିରି, ୨୫/୪ (ନି.ପ୍ର): ମାଲକାନଗିରି ଜିଲ୍ଲାର ଏକ ଉପାନ୍ତ ଅଂଚଳ କୋରୁକୋଣ୍ଡା ବ୍ଲକର ନାକାମାମୁଡ଼ି ଗ୍ରାମ ପଂଚାୟତରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଏବଂ ଚାଲିଥିବା ପ୍ରକଳ୍ପ ଗୁଡିକର ସଠିକ୍ ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଆଜି ଏକ ସ୍ୱତନ୍ତ୍ର ପରିଦର୍ଶନ କରିଛନ୍ତି। ପ୍ରଶାସନର ଏହି ଗସ୍ତର ମୁଖ୍ୟ ଲକ୍ଷ୍ୟ ଥିଲା ସରକାରୀ ଯୋଜନା ଗୁଡ଼ିକର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ଏବଂ ଲୋକଙ୍କର ସମସ୍ୟା ଗୁଡିକୁ ପ୍ରତ୍ୟକ୍ଷ ଭାବରେ ଶୁଣି ତା'ର ସମାଧାନ କରିବା। ବାୟାପଡ଼ା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କାଳରେ ଅତିରିକ୍ତ ଶ୍ରେଣୀ ଗୃହର ସ୍ଥିତି ପରଖିବା ପରେ ଗ୍ରାମରେ ବହୁ ଦିନରୁ ଅସମ୍ପୂର୍ଣ୍ଣ ରହିଥିବା ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ବିଷୟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାକୁ ଗୁରୁତ୍ୱର ସହ ନେଇ ସମ୍ପୃକ୍ତ ବି.ଡି.ଓଙ୍କୁ କାର୍ଯ୍ୟଟିକୁ ଅତି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେହିଠାରେ ହିଁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଦାମଦରବେଡ଼ା ଗ୍ରାମରେ ସେତୁ ଯୋଜନାରେ ନିର୍ମାଣଧୀନ ୩୦ ଲକ୍ଷ ଟଙ୍କାର ବକ୍ସ ସେଲ୍ କଲଭର୍ଟ କାର୍ଯ୍ୟର ଅନୁଧ୍ୟାନ ବେଳେ ବର୍ଷା ଦିନ ପୂର୍ବରୁ ଏବଂ ସବୁ ସମୟ ପାଇଁ ଗୁଣବତା ଅପରିବର୍ତ୍ତିତ ରଖିବାକୁ ପରାମର୍ଶ ଦିଆଯାଇଛି। ଗଙ୍ଗାପଡ଼ା ଗ୍ରାମରେ ଚାଲିଥିବା ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଓ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣରେ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ପରିଲକ୍ଷିତ ହୋଇଥିଲା। ଏହାକୁ ନେଇ ଜିଲ୍ଲାପାଳ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଦାୟିତ୍ୱରେ ଥିବା ଠିକା ସଂସ୍ଥାକୁ ତାଗିଦ୍ କରି ଉଚ୍ଚମାନର ନିର୍ମାଣ ଶୈଳୀ ଆପଣେଇବାକୁ ସତର୍କ କରାଇଥିଲେ। ସେହିପରି ନାରିଙ୍ଗଝୋଲା ଗ୍ରାମକୁ ଏକ ଆଦର୍ଶ ଗ୍ରାମ ଭାବେ ଗଢ଼ିବାକୁ ହେଲେ ସେଠାରେ ଥିବା ଗ୍ରାମୀଣ ହାଟ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଜନମନ) ଯୋଜନାରେ ନିର୍ମିତ ହେଉଥିବା ୪୦ଟି ଗରିବ ପରିବାରଙ୍କ ଆବାସ ଗୃହ ନିର୍ମାଣକୁ ଠିକ୍ ସମୟରେ ସାରିବାକୁ ଯୋଜନା କରାଯାଇଛି। ରାବା ଗ୍ରାମର ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ସହ ନୀଳାପାରି ସ୍ଥିତ କୃଷି ଉତ୍ପାଦନ କ୍ଲଷ୍ଟର ପରିଦର୍ଶନ ବେଳେ ଜିଲ୍ଲାପାଳ ଚାଷୀ ଓ ଅନ୍ୟ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସଫଳତା ଓ ସମସ୍ୟା ବୁଝିଥିଲେ। ସେହିପରି ନାକାମାମୁଡି ଜଳ ଯୋଗାଣ ପ୍ରକଳ୍ପ ବୁଲି ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ତଦାରଖ କରିଥିଲେ। ସମସ୍ତ ଅଧିକାରୀଙ୍କୁ ଆଗାମୀ ୨ ମାସ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟ ସମାପ୍ତ କରିବାକୁ କଡ଼ା ଚେତାବନୀ ଦେଇଛନ୍ତି। ଏହି କ୍ଷେତ୍ର ପରିଦର୍ଶନ ସମୟରେ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଦାଶରଥି ସରାବୁ, ପିଏ ଆଇଟିଡିଏ ହଳଧର ଶବର ଙ୍କ ସମେତ ଜିଲ୍ଲାର ପ୍ରଶାସନିକ ପ୍ରମୁଖ ବ୍ୟକ୍ତି ବିଶେଷ ଓ ଯନ୍ତ୍ରୀମାନେ ସାମିଲ ଥିଲେ।

# ୧୫୦ ଲିଟର ଦେଶୀମଦ ସହ ୨ବେପାରୀ ଗିରଫ

ନୀଳଗିରି - ୨୫/୪: (ନି.ପ୍ର) ନୀଳଗିରି ଅବକାରୀ ବିଭାଗ ଇନ୍ସପେକ୍ଟର ମନୋଜ କୁମାର ସାହୁଙ୍କ ନିର୍ଦ୍ଦେଶରେ ନୀଳଗିରି ଅଞ୍ଚଳର ଦୁଇଟି ପୃଥକ୍ ପୃଥକ୍ ସ୍ଥାନରେ ଚଢାଉକରି ବିପୁଳ ପରିମାଣର ଦେଶୀମଦ ସମେତ ଦୁଇଜଣ ବେପାରୀ କୁ ଗିରଫ କରିଛି। ସୁଚନା ଅନୁଯାୟୀ ଆଜି ନୀଳଗିରି ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବରପାଇ ନୀଳଗିରି ଥାନା ଅଧୀନ ରାଜନଗର ଓ ଓଲଡଙ୍ଗ ଛକ ନିକଟରୁ ଦୁଇଜଣ ମଦବେପାରୀଙ୍କୁ ଧରିବାରେ ସକ୍ଷମ ହୋଇଛି। ତେବେ ଓଲଡଙ୍ଗ ଛକ ନିକଟରୁ ଗୋପୀନାଥପୁର ଅଞ୍ଚଳର ଜଗନ୍ନାଥ ବାରିକଙ୍କ ଠାରୁ ଏକ ସ୍କୁଟି ସମେତ ୮୦ଲିଟର ଦେଶୀମଦ ଏବଂ ରାଜନଗର ଛକ ନିକଟରୁ




ଛତ୍ରପୁର ଅଞ୍ଚଳର ତୁଷାରକାନ୍ତ ବିଶ୍ୱାଳଙ୍କ ଠାରୁ ବାଇକ୍ ସମେତ ୭୦ ଲିଟର ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ। ଉଭୟ ବେପାରୀଙ୍କୁ ଗିରଫକରି ୨୩/୨୬ ଏବଂ ୨୪/୨୬ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ମନୋଜ କୁମାର ସାହୁ, କେଶବ ଦାସ, ତପନ କୁମାର ମଲ୍ଲିକ ଓ ସନ୍ତୋଷ କୁମାର ବେହେରା ପ୍ରମୁଖ ସାମିଲଥିବା ଅବକାରୀବିଭାଗ ପକ୍ଷରୁ ସୂଚନା ମିଳିଛି।

## ଜିଲ୍ଲା ସ୍ତରୀୟ ଗ୍ରୀଷ୍ମ ପ୍ରବାହ ଜନିତ ସଚେତନତା ଶିବିର

ପୁରୀ, ୨୫/୪ (ନି.ପ୍ର): ଆଜି ଅପରାହ୍ନ ୩ଟା ସମୟରେ ଜିଲ୍ଲା ସ୍ତରୀୟ ଗ୍ରୀଷ୍ମ ପ୍ରବାହ ଜନିତ ସଚେତନତା ଶିବିର ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷ, ପୁରୀ ଠାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶ୍ରୀମତୀ ତନୁପ୍ରଭା ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୁରୀ ସଦର ତହସିଲଦାର ଅଭିଷେକ ଦାଶ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଆଇନ ପରିବିକ୍ଷ ଅଧିକାରୀ, ସମସ୍ତ ଶିଶୁ ବିକାଶ ଅଧିକାରୀ ଓ ପରିଦର୍ଶୀକା ତଥା ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ନିହାତି ଅବଶ୍ୟକ ନ ହେଲେ ବାହାରକୁ ନ ବାହାରିବା, ତରଳ ଜାତୀୟ ଖାଦ୍ୟ ଖାଇବା, ଛତା, ପାଣି ବୋତଲ ଓ ଗାମୁଛା ସାଙ୍ଗରେ ନେବା, ମାଦକ ଦ୍ରବ୍ୟ ସେବନ ନ କରିବା, ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବା ଆଦି ବିଷୟରେ ସଚେତନତା କରାଯାଇଥିଲା।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୬ ଏପ୍ରିଲ ୨୦୨୬
email :
rabibarachayan2015@gmail.com

# ରବିବାର ଚୟନ



......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



## ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ 'ବୁଦ୍ଧ କାହାଣୀ' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



### ୩୧ ଓ୍ୱାକାଳି - ବୁଦ୍ଧଙ୍କ ସୌନ୍ଦର୍ଯ୍ୟକୁ ପ୍ରଶଂସା କରୁଥିବା ଭିକ୍ଷୁ

ଭାରତର ଶ୍ରାବସ୍ତୀରେ ଜଣେ ଯୁବକ ଥିଲେ ଯିଏ ବୁଦ୍ଧଙ୍କୁ ଏତେ ଭଲ ପାଉଥିଲେ ଯେ ଯେତେବେଳେ ବି ସେ ତାଙ୍କୁ ଭେଟୁଥିଲେ ସେ ବୁଦ୍ଧଙ୍କ ରୂପ, ରଙ୍ଗ ଏବଂ ସୁନ୍ଦରତାକୁ ପ୍ରଶଂସା କରୁଥିଲେ। ଦିନେ ସେ ଭାବିଲେ, "ଯେପର୍ଯ୍ୟନ୍ତ ମୁଁ ମୋ ଘରେ ରହୁଥିବି, ସେପର୍ଯ୍ୟନ୍ତ ମୁଁ ସବୁବେଳେ ବୁଦ୍ଧଙ୍କୁ ଦେଖିପାରିବି ନାହିଁ। ମୋତେ ମନ୍ଦିର ଯିବାକୁ ପଡ଼ିବ ଏବଂ ଦୀକ୍ଷାଗ୍ରହଣ କରିବାକୁ ପଡ଼ିବ। ତା'ପରେ ମୁଁ ଯାଇ ତାଙ୍କୁ ପ୍ରତିଦିନ ଦେଖିପାରିବି।"

ତେଣୁ ସେ ମନ୍ଦିରକୁ ଗଲେ ଏବଂ ବୁଦ୍ଧଙ୍କୁ ଦୀକ୍ଷା ଦେବାକୁ କହିଲେ। ତା'ପରେ ବୁଦ୍ଧ ତାଙ୍କୁ ଦୀକ୍ଷା ଦେଲେ।

ଏବେ ତାଙ୍କୁ ସବୁବେଳେ ବୁଦ୍ଧଙ୍କ ସ୍ୱରୂପକୁ ପ୍ରଶଂସା କରିବାର ସୁଯୋଗ ମିଳିଲା। ଦିନ-ରାତି, ସକାଳ-ସନ୍ଧ୍ୟା, ପ୍ରାତଃଭୋଜନ-ମଧ୍ୟାହ୍ନଭୋଜନ ବେଳେ, ସବୁ ସମୟରେ, ଯେଉଁସ୍ଥାନକୁ ବି ବୁଦ୍ଧ ଯାଉଥିଲେ, ଓ୍ୱାକାଳି ଛାଇ ପରି ତାଙ୍କ ପିଛେପିଛେ ଯାଉଥିଲେ ଓ ତାଙ୍କର ପ୍ରଶଂସା କରି ଚାଲିଥିଲେ। ବୁଦ୍ଧ ତାଙ୍କ ଜ୍ଞାନ ପରିପକ୍ୱ ହେବା ପାଇଁ ଅପେକ୍ଷା କରିଥିଲେ ଏବଂ ଗୋଟିଏ ବି ଶବ୍ଦ କହୁନଥିଲେ। କିଛି ବର୍ଷ ପରେ ବୁଦ୍ଧ ଅନୁଭବ କଲେ ଯେ ଓ୍ୱାକାଳିଙ୍କ ଜ୍ଞାନ ପରିପକ୍ୱ ହୋଇଯାଇଛି। ତେଣୁ ତାଙ୍କୁ କହିଲେ, "ମୋର ନିରନ୍ତର ପରିବର୍ତ୍ତିତ ହେଉଥିବା ଶରୀରକୁ ଦେଖି ତୁମର କ'ଣ ଲାଭ ହେବ? ଓ୍ୱାକାଳି, ଯେ କେହି ବି ମୋର ଉପଦେଶକୁ ଦେଖେ, ସେ ମୋତେ ଦେଖେ।"

ଓ୍ୱାକାଳି ସେଠାରୁ ଗଲେ ନାହିଁ ଏବଂ ଧର୍ମକଥା ପଢ଼ିବା, ଶିଖିବା, ଧ୍ୟାନ କରିବା କିମ୍ବା ପ୍ରଚାର କରିବା ପରିବର୍ତ୍ତେ ସେ ବୁଦ୍ଧଙ୍କୁ ପ୍ରଶଂସା କରିଚାଲିଲେ। ତା'ପରେ ବୁଦ୍ଧ ଭାବିଲେ, "ଯେପର୍ଯ୍ୟନ୍ତ ଏହି ଭିକ୍ଷୁଙ୍କୁ ଏକ ଝଟକା ନଲାଗିଛି, ସେପର୍ଯ୍ୟନ୍ତ କିଛି ବୁଝିପାରିବେ ନାହିଁ।" ତେଣୁ ଦିନେ ବୁଦ୍ଧଙ୍କୁ ଜଣେ ବ୍ୟକ୍ତିଙ୍କଠାରୁ ରାଜଗୃହରେ ତିନି ମାସ ରହିବାକୁ ନିମନ୍ତ୍ରଣ ମିଳିଲା। ଯେଉଁଦିନ ସେ ରାଜଗୃହକୁ ଗଲେ, ଓ୍ୱାକାଳି ମଧ୍ୟ ବୁଦ୍ଧଙ୍କୁ ଅନୁସରଣ କରିବାକୁ ଚେଷ୍ଟା କଲେ। ବୁଦ୍ଧ କହିଲେ, "ଫେରିଯାଅ ଓ୍ୱାକାଳି, ମୋ ପଛେପଛେ ଆସନାହିଁ। ମୋତେ ଏକା ଯିବାକୁ ପଡ଼ିବ।"

ତେଣୁ ଓ୍ୱାକାଳି ନିରାଶ ହୋଇ ତାଙ୍କ କୋଠରୀକୁ ଫେରି ଆସିଲେ ଏବଂ ଭାବିବାକୁ ଲାଗିଲେ, "ତିନି ମାସର ସମୟ କେତେ ଦୀର୍ଘ! ସେ ତିନିମାସ ଧରି ମୋ ସହିତ କଥା ହେବେନାହିଁ; ମୁଁ ତାଙ୍କୁ ଦୀର୍ଘ ତିନିମାସ ପର୍ଯ୍ୟନ୍ତ ଦେଖିପାରିବି ନାହିଁ! ମୋତେ କେତେ ଦୁଃଖଦ ସମୟ ବିତାଇବାକୁ ପଡ଼ିବ! ଆଉ ମୋର ବଞ୍ଚିବାରେ ଲାଭ କ'ଣ? ମୁଁ ଏକ ପର୍ବତ ଶୀର୍ଷରୁ ଡେଇଁ ଆତ୍ମହତ୍ୟା କରିବି। ଏହା ଭାବି ସେ ମାଉଣ୍ଟ ଭଲଚର୍ ପିକ୍ ନାମକ ଏକ ପର୍ବତର ଶୀର୍ଷକୁ ଚଢ଼ିଗଲେ।

ବର୍ତ୍ତମାନ ରାଜଗୃହରେ ଅବସ୍ଥାନ କରୁଥିବା ବୁଦ୍ଧ ତାଙ୍କର ମାନସଚକ୍ଷୁରେ ଓ୍ୱାକାଳିଙ୍କୁ ଭଲଚର୍ ପିକ୍‌ର ଶିଖରରୁ ଡେଇଁବାକୁ ଯାଉଥିବା ଦେଖିଲେ ଏବଂ ଭାବିଲେ, "ଯଦି ଏହି ଭିକ୍ଷୁ ମୋଠାରୁ କୌଣସି ସାନ୍ତ୍ୱନା ବା ଆଶ୍ୱାସନା ନ ପାଆନ୍ତି ତେବେ ସେ ଆତ୍ମହତ୍ୟା କରିବେ।" ତତ୍ପରେ ସେ ତୁରନ୍ତ ଏକ ତେଜୋଦୀପ୍ତ ଆଲୋକ ପ୍ରେରଣ କଲେ ଏବଂ ସେଥିରେ ନିଜର ରୂପକୁ ଭିକ୍ଷୁଙ୍କ ସମ୍ମୁଖରେ ପ୍ରକଟ କରାଇଲେ। ସମ୍ମୁଖରେ ବୁଦ୍ଧ ଦଣ୍ଡାୟମାନ ହୋଇଥିବା ଦେଖିବା ମାତ୍ରେ ଓ୍ୱାକାଳି ମଧ୍ୟରୁ ସମସ୍ତ ଦୁଃଖ ଦୂର ହୋଇଗଲା। ତତ୍ପରେ ବୁଦ୍ଧ ତା'ର ମନରେ ଆନନ୍ଦ, ସୁଖ ଓ ଶାନ୍ତିରେ ପୂର୍ଣ୍ଣ କରି କହିଲେ -

"ଯେଉଁ ଭିକ୍ଷୁଙ୍କର ବୌଦ୍ଧଧର୍ମରେ ପୂର୍ଣ୍ଣ ବିଶ୍ୱାସ ରହିଛି ସେ ଆନନ୍ଦ ଓ ସନ୍ତୋଷରେ ପରିପୂର୍ଣ୍ଣ ହେବେ ଏବଂ ସୁଖ, ଶାନ୍ତି ଓ ଦୁଃଖର ଶେଷସୀମାରେ ପହଞ୍ଚିବେ।"

ଓ୍ୱାକାଳି ଭାବିଲେ, "ମୁଁ ପ୍ରଭୁଙ୍କୁ ଦେଖିଲି। ସେ ମୋତେ ଡାକୁଛନ୍ତି। ମୁଁ ତାଙ୍କ ସହିତ ରାଜଗୃହକୁ ଯିବି। ମାତ୍ର ମୁଁ କିପରି ଯିବି?" - ନିଜକୁ ପଚାରିଲେ। ତା'ପରେ ସେ ଶୁଣିବାକୁ ପାଇଲେ, "ଆସ ଓ୍ୱାକାଳି, ମୋତେ ଦେଖ, ଭୟ କର ନାହିଁ। ମୁଁ ତୁମକୁ ଏତେ ଉପରକୁ ଉଠାଇବି, ଯେପରି ଜଣେ କାଦୁଅରେ ବୁଡ଼ି ରହିଥିବା ହାତୀକୁ ଉଠାଇଥାଏ। ମୁଁ ତୁମକୁ ଦୁଃଖ ଓ ହତାଶରୁ ଏପରି ମୁକ୍ତ କରିବି ଯେପରି ଜଣେ ସୂର୍ଯ୍ୟକୁ ମେଘରୁ ମୁକ୍ତ କରେ।" ମୁହୂର୍ତ୍ତକ ମଧ୍ୟରେ ବାସ୍ତବରେ ଓ୍ୱାକାଳି ରାଜଗୃହରେ ବୁଦ୍ଧଙ୍କ ସମ୍ମୁଖରେ ଉପସ୍ଥିତ ହୋଇଗଲେ ଏବଂ ବୁଦ୍ଧଙ୍କ ବାଣୀ ଶୁଣି ଶୁଣି ସିଦ୍ଧ ହୋଇଗଲେ। (କ୍ରମଶଃ)

❤ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର,
ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮





## ମିନିଗଳ୍ପ-୩

### ମାମଲା (ଗ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**

ବଡ଼ଭାଇ ପଣ୍ଡିତ। ଚଣ୍ଡୀପାଠରୁ ଜୋତା ସିଲେଇଯାଏ ସବୁ ଜାଣନ୍ତି। ପଡିଶାଘର ସାନଭାଇର ବାପାବୋଉ ମହତାପାନ ଖାଇବେ ବୋଲି ଭାତହାଣ୍ଡି ଜମିଦି'ପା କଣ୍ଟକବଲା କରିଦେଲେ ମହାଜନକୁ। ଅକାଳରେ ଆଖି ବୁଜିଲେ ତାଙ୍କ ବୋଉ। ସାନଭାଇ କୂଳକିନାରା ନପାଇ ବାପାଙ୍କୁ ଧରି ପଳେଇଲେ ଜିଲ୍ଲା ପାରି ଦକ୍ଷିଣକୁ। ଘରଡିହ ବିକି ଦେଲେ ବଡ଼ଭାଇଙ୍କୁ।

କୋଡିଏ ବର୍ଷ ଗତ ହୋଇଗଲା। ଦିନେ ଧାନଖଳାରେ ବସି ବଡ଼ଭାଇ ହରିଭଜନ କରୁଥିବା ବେଳେ କଚିରୀରୁ ପିଆଦା ଆଣିଲା ପରୁଆନା। ହାଜିର ହେଲା। ସାନଭାଇର ଝିଅ କେସ୍ କରିଛି। ଝିଆଣିଆ ଦାବି କରିଛି। କଚିରୀରେ ପ୍ରମାଣ ବି ହାଜର କରାଇଲା ସେ। ନିଜକୁ ସାନଭାଇର ଝିଅ ବୋଲି ସାବିତ କରାଇଲା। ବଡ଼ଭାଇ ପିଳେହିପାଣି। ବାପ ଥିଲା ପୁଅ ସଭାରେ ହାରେନି। ବଡ଼ଭାଇର ବାପା ଝିଅର ଧରି ପକେଇଲେ ହାତ। ତା ହାତକୁ ଧରାଇ ଦେଲେ ନୂଆହାଟରୁ ଖରିଦି କରିଥିବା କେସିପାଲ ଛତା।

ଝିଅ ନଇପାରି ହବ । ଡଙ୍ଗାରେ ବସିଲା। ଛତା ଖୋଲିଲା ଫଡକରି। ଚିଲେଇଲା :ମୁଁ ଗୋସେଇଁଙ୍କ ମୁକୁଟ ନେଇ ଆସିଛି। ମନଦୁଃଖ କରନା ଗୋସାଇଁ। ମତେ ଖୋଜାଲୋଡା କର। ମୁଁ ତମର ସାତନମ୍ବର ଝିଅ ହୋଇ ରହିବି ।

ତଳକୁ ମୁହଁ ପୋତି ଚାଲିଲେ ବାପପୁଅ।

ବାପ ଇତିହାସ ହୋଇଗଲେଣି।

ବଡ଼ଭାଇ ଆଖି ବୁଜିବା ଦିନ ତାଙ୍କ ପୁଅ ସହ ସାନଭାଇର ଡିହ ଫେରେଇ ଦବାକୁ ପରାମର୍ଶ କରୁଥିଲେ। ସାନଭାଇ ବଡ଼ଭାଇଙ୍କ ଅନ୍ତ୍ୟେଷ୍ଟିକୁ ଇଚ୍ଛା କରି ବି ଆସି ପାରିଲେନି ଦକ୍ଷିଣରୁ। ବଡ଼ଭାଇର ଦେହାନ୍ତକୁ ଶୁଦ୍ଧକ୍ରିୟାରେ ଅଣ୍ଟା ଭିଡି ଦେଇଥିଲା ସାନଭାଇ।

❤ ରମାଦେବୀ ମହିଳା ମହାବିଦ୍ୟାଳୟ
ଭୁବନେଶ୍ୱର,
(ମୋ) ୯୭୭୬୫୪୬୧୩୦

## ପାଉଁଜିର ପାଣ୍ଡୁଲିପି-୧୭

**ବିପିନ ମହାନ୍ତି**



### ମୂର୍ଚ୍ଛିତ ମୂର୍ଚ୍ଛନା

କଟକୀ ପାଉଁଜି କିଣି ଆଣିଥିଲି ଛଟକୀ ପ୍ରେମିକା ପାଇଁ
ତା' ସାନ ଭଉଣୀ କଣେଇ କଣେଇ ଦୂରୁ ଦେଖୁଥିଲା ଚାହିଁ
ଝପଟିକି ଆସି ଝାମ୍ପିନେଲା ସିଏ ଦେଖାଦେଖା ବୋଲି କହି
ପାଦରେ ଗଳେଇ ଦେଖେଇଲା ମୋତେ କେମିତି ଦିଶୁଛି ମୁହିଁ।

ଏଡ଼େ ଗୋରାଗୋରା ପୂରିଲା ପୂରିଲା ପାଦକୁ ପାଉଁଜି ହଳେ
ମସ୍ତ ମାନୁଛି ମୁଁ କହିଦେଲି ସିନା ଫସିଗଲି ବଳେବଳେ
ତା' ହାବଭାବରୁ ଫେରେଇବ ନାହିଁ ବୋଲି ପଢୁଥିଲା ଜଣା
ପ୍ରେମିକାର ସାନ ଭଉଣୀ ସେ' ପରା ପ୍ରେମିକାଠୁ ଦୁଇଗୁଣା।

କୁନ୍ଦକରା ସେଇ ମାର୍ବଲ ଖମ୍ବରେ କମକରା ତାରକସି
ନଗ୍ନ ମୂରତି ଭଗ୍ନଶିଳା ମୁହେଁ ମହଣ ମହଣ ଖୁସି
ନୀରବିତ ସେଇ ପାଉଁଜିର ସ୍ୱର ଝଙ୍କାର ତୋଳୁଛି ଯେତେ
ଛମଛମ ପୁଣି ପାଦର ମୂର୍ଚ୍ଛନା ମୂର୍ଚ୍ଛିତ କରୁଛି ମୋତେ।

କେମିତି କୁହନ୍ତି ଫେରେଇ ଦେଏ ତୁ' ପ୍ରେମ ଯା'ର ସ୍ୱପ୍ନ ବୁଣେ
ମୂର୍ଚ୍ଛନା ମୋର ଫାଟିଯିବ ନାହିଁ ମୁଁ ପରା ପ୍ରେମିକ ଜଣେ।

❤ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## କବିତା



### ଶିଜିମାଳୀ

**ସୁଶ୍ରୀ ପ୍ରୀତି ଲତା ପଣ୍ଡା**

ପ୍ରତିଦିନ ବଦଳୁଥିବା ସମ୍ବିଧାନର
ବୋଝ ବୋହିବା ଛଡ଼ା
କଣ ଆଉ ବାଟ ଅଛି ଶୁକ୍ରାଜିର
ଶିଜିମାଳୀର ଦୁଃଖ ଏଠି ଦିଶେନି କାହାକୁ
ଗୋଟେ ନପୁଂସକ ଅସ୍ମିତାର
ଆମେ ଭାରବାହୀ ନାଗରିକ
ଭିକାରୀ ମାନଙ୍କଠାରୁ
ଭିକ ନବା ଆମର ଅଭ୍ୟାସ।

ଚାଉଳିଆର ଚାଉଳ ପାଇଁ ଅଣ୍ଟି ପଡେଇଛି
ମାଟିଆ ମାଟି ପାଇଁ ପ୍ରାର୍ଥନା କରୁଛି
ପାହାଡ଼ର ଦରଖାସ୍ତ
ଏବେ ବାରୁଦର ଟେବୁଲ ଉପରେ
ଆମେ ବିଶ୍ୱଗୁରୁ ହେବାକୁ ଯାଉଛି
ଏକବିଂଶ ଶତାବ୍ଦୀରେ
ଆଦିବାସୀ ବୁଝି ଯାଇଛି
ଦେଶ କହିଲେ ପୁଳାଏ ବନ୍ଧୁକ
ପୁଳାଏ ପୋଲିସ
ପୁଳାଏ ଧଳାବାଘ ଏବେ ଝାମ୍ପି ପଡିଛନ୍ତି
ଶୁକ୍ରାଜାନୀର ଗାଁକୁ ।

ଶିଜିମାଳୀ କଣ କେଇଟା ପାହାଡ଼
ଯିଏ ଡିନାମାଇଟ ଆଗରେ
ଠିଆ ହୋଇଛି ହାତଯୋଡି
ନା ଆମର ଅଥର୍ବ ପୌରୁଷ
ଯାହା ଆମେ ହାରି ଦେଇଛୁ
ଭୋଟ କେନ୍ଦ୍ରରେ
ନା କେଇ ଟୋପା ଲୁହ
ଯାହା ପାଇଁ ଆହା ନାହିଁ କଉକାଳେ
ନା ସଭ୍ୟତାର ପାଦ ତଳେ
ଚାପିହୋଇ ଯାଇଥିବା ଜୀବନ ରେଖା
ଶିଜିମାଳୀ ଅଧା ଲୁହ ଅଧା ନିଆଁର କବିତା
ଦେଖାଯାଉ, କିଏ ତାକୁ ପଢିବା କଥା।

❤ ଆଗରପଡା, ଭଦ୍ରକ

### ॥ ଖରାବେଳ ॥

**ନିହାରିକା ରାୟ ବରାଳ**



ଖରାବେଳ ଭାରି ନିଛାଟିଆ
କେବେ ସ୍ଥିର
କେବେ ପୁଣି ସମୁଦ୍ର ଲହରୀ
ମାଡି ଆସେ ସ୍ମୃତି ଯେବେ
ମାନେ ନାହିଁ ଥଳକୂଳ ଅବା କ୍ଷେତ ବାଡ଼ି ।

ତତଲା ନିଶ୍ୱାସେ ଜଳେ
ବିଶ୍ୱାସର ସୀମା ସରହଦ
କିଏ ଆସି ଫୁଙ୍କି ଦେଲା ଖରାବେଳେ
ଅତୀତର ବଂଶୀ
ପାଦତଳୁ ମାଟି ଗଲା ଖସି
କେତେବେଳେ ଖରାବେଳ ବୋଧିଦ୍ରୁମ
ଅବା କେବେ ନିର୍ମୁଳିର ଲଟି ।

ବୈଶାଖାର ଧୂ ଧୂ ଖରା
ବେଳେ ବେଳେ ଭାରି ନିର୍ଘାତିଆ
କେବେ ଜଳେ, କେବେ ବି ଜଳାଏ
ନିଜ ସାଥେ ନିଜେ ଖେଳେ
ଅବା କେବେ ପ୍ରତିବିମ୍ବେ
ପଶ୍ଚାତାପ ହାତ ଠାରୁଥାଏ
ଭୂମି କିବା ଭୂମା କିଛି
ଫରକ ନ ପଡେ।

ଚମ୍ପା କି ରଜନୀଗନ୍ଧା
ବିଞ୍ଚିଦିଏ ବାସ୍ନାଇତ ମୋହ
କୃଷ୍ଣଚୂଡ଼ା ଲାଜେଇଚି ଖରାର କୋଳରେ

ଏଠି, ସେଠି, ସବୁଠିକୁ ଚାହିଁ
ବର୍ତ୍ତମାନ, ଭାବିଷ୍ୟତ ପାଇଁ
ସ୍ୱପ୍ନ ଯେତେ ବୁଣି ହେଇଥିଲା
କୁଆଡୁ ଆସିଲା ପଶି ଖରାବେଳେ
ଚାଟଶାଳୀ ମାଷ୍ଟ୍ରେ ପରି
ସ୍ମୃତିର ଚାଦର ଘୋଡ଼ି
ଅଭିନୟ ମିଛେ ମିଛେ ଆଣ୍ଠେଇ ପଡିଲା ।

ଖରାବେଳେ ଭାରି ନିଛାଟିଆ
ଏକେଲା ପଣର ଦୁଃଖେ ଏକା ଜଳୁଥାଏ
ଆତ୍ମାରେ ଆତ୍ମସ୍ଥ ଯିଏ
କାୟାରେ କାୟସ୍ଥ ସିଏ
କାହା ଛାତି ଗମ୍ଭୀରା ଭିତରେ
ନିଜପାଇଁ ଜାଗାଟିଏ ସମ୍ପି ଦେଇଥାଏ
କେବେ କେବେ ପୁଷି ପରି
ମୁହଁ ଗୁଂଜି ଆତ୍ମୀୟତା ଅନୁଭବୁ ଥାଏ।

❤ ଅନୁରାଗ
ଇ/୧୦, ପ୍ରତିଭା ଏନକ୍ଲେଭ
ବିଜେବି ନଗର
ଭୁବନେଶ୍ୱର

### ॥ ଚୁଲି ॥

**ଐଶ୍ୱର୍ଯ୍ୟା ପ୍ରଧାନ**



ନିଇତି ସକାଳ ହେଲେ ତୁ ଝଲସି ଉଠୁ
ନିର୍ବିକାର ସ୍ଥିରଚିତ୍ରଟିଏ ଭଳି ମୋର ଉପାସୀ ଆଖିରେ,
ଗତରାତିର ପ୍ରଲମ୍ବିତ ସ୍ୱପ୍ନକୁ ଆଖି କୋରଡ଼ରେ ସାଉଁଟି
ପହଂଚିଯାଏ ତୋ ପାଖରେ ଶରଣାର୍ଥୀ ପରି ।

ସେତେବେଳେ ତୁ ବୁଝିଯାଉ ମୋ ମନର ମାନଚିତ୍ର
ଅନୁଭବ କରୁ ଏଇନା ଜାଳିଦେବି ତତେ
ନା ଥିବ ତୋର ଅନୁନୟ ଅନୁରୋଧ କି ବାରଣ
ସତରେ କେଉଁ ପଥରରେ ଗଢା ମୋର ଛାତି ଯେ
ବୁଝିପାରେନି ତୋ ନାଚାରପଣ,
ଆଉ ସବୁଦିନ ଭଳି ତତେ ଅଗ୍ନିର ଜ୍ୱାଳାରେ କରିଦିଏ କାରାବରଣ ।

ତୁ ଅନୁଭବିଛୁ କି ନା କହିପାରିବିନି -
ନିଇତି ଉଦରର କଷଣକୁ ଭୋଗେ ରାତିସାରା
ମୋର ସଂସାର ସବୁରାତିର ଅତିଥି ସାଜନ୍ତି ଭୋକର ନଅରରେ
ସେଇଠି ହୁଏ ସେମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା
କେମିତି କହିବି ତତେ, ମୁଁ କେଉଁ ସୁଖ ବା ପାଏ ତତେ ଜଳେଇବାରେ
କେବଳ କେତେଟା ପେଟର କ୍ଷୁଧାକୁ ମାରିବାରେ ମୁଁ ବ୍ୟସ୍ତ ସଦାବେଳେ।

ତୁ ଜଳିଜଳି ବାଣ୍ଟିଦେଉ ଯେଉଁ ତବତ ଟିକକ
ସେ ହିଁ ମୋ ପାଇଁ ସ୍ୱର୍ଗସୁଖ
ଆଉ ଖୋଜେନି ଅବଢ଼ା ଅମୃତ ଅବା କେଉଁ ଦେବତାଙ୍କ ପାଦୁକ ।
ତୁ ଆଉ କାହାପାଇଁ ହୋଇପାରୁ ଅଦରକାରୀ କି ନିର୍ଜୀବ
ମୋ ପାଇଁ ତ ତୁ ଅନ୍ନପୂର୍ଣ୍ଣାଙ୍କ ଆବାହନୀ ମନ୍ତ୍ର, କାମଧେନୁର ପ୍ରତିରୂପ
ତୁ ନ ଦେ ପଛେ ଛପନଭୋଗର ସୁଖ
ଏଇ ତବତ ଟିକକରେ ମୋର ଅନନ୍ୟ ଆନନ୍ଦ ।

❤ ପୋଷ୍ଟାଲ କଲୋନୀ, ଭବାନୀପାଟଣା,କଳାହାଣ୍ଡି
ମୋ-୭୦୦୮୯୩୧୫୯୯

### ॥ ମୂଲ୍ୟାୟନ ॥

**ବିଜୟଲକ୍ଷ୍ମୀ ପାଣିଗ୍ରାହୀ**



ଇଏ କେମିତି ପରିସ୍ଥିତି
ଯେଉଁଠି ସ୍ଥିତି ପରି ସ୍ଥିତିଟେ ନ ଥାଏ
ଅସ୍ତିତ୍ୱ ପାଲଟୁ ଥାଏ ପାଣି ଫୋଟକା
ପରିବର୍ତ୍ତନର ରାହାରେ
ରୂପାନ୍ତର ହିଁ ରୂପାନ୍ତର ଜୀବନ ଯାତ୍ରାରେ...।

ଲୁହା ହେଉଥାଏ ଲୁହ।
କେତେ ତାତିଲେ ସେ ତରଳେ
କେତେ ଆୟୁଷ ବାଷ୍ପ ହୁଏ
ନିଃଶେଷ ହେଉଥାଏ କେତେ ନିଃଶ୍ୱାସ

କେଉଁ ଇତିହାସ ସାଇତିଛି ହିସାବ?
କିଏ ବା ଆକଳନ କରିଛି?
ଖାଲି ଯାହା
ମୂଲ୍ୟାୟନର ଭାଗକ ନମ୍ବରରେ
ସମାଜଟେ ସମ୍ମାନ ଫିଙ୍ଗିଛି ନାରୀକୁ।

ନାରୀ କିନ୍ତୁ
ଲୁହକୁ ବି ଲୁହା କରିଛି
ଦୁଃଖରେ କାଲୁଆ ପଡିଛି
ସମ୍ପୂର୍ଣ୍ଣ ଚୁରମାର ହେଲା ପରେ
ସବୁ ଅସ୍ତିତ୍ୱକୁ ଉଭେଇଦେଲା ପରେ
ନିଜକୁ ସାଉଁଟି ଶକ୍ତ କରିଛି
କେବେ ଚାହିଁନି ମୂଲ୍ୟାୟନ
ଭୋଗିନି ଭାଗକ ଅଙ୍କ
ନିରନ୍ତର ସର୍ଜିଛି... ସାଉଁଟିଛି....
ଆଉ ସଂହାରିଛି।

❤ ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

### କହି ହେଇନାହିଁ ଯାହା...



**ସୈରିନ୍ଧ୍ରୀ ସାହୁ**

ଆଶାର ବଉଳ ମନରେ ମଉଳେ
ଚାହିଁ ଚାହିଁ ସରେ ରାତି
ଦିନ ଚାଲିଯାଏ ଚିହ୍ନ ଖୋଜି ଖୋଜି
ଫୁଲ ଖୋଜେ ପ୍ରଜାପତି

ଏମିତି କି କେବେ ହୁଏ
ଭଙ୍ଗା ମନ ପାଇଁ କିଏ ଜଣେ ଆସି
ମଲମ ଲଗେଇ ଦିଏ ?

### ॥ ଭୋର ବେଳର ସ୍ୱପ୍ନ ॥

**ଶୁଭସ୍ମିତା ତ୍ରିପାଠୀ**



ହଳେ କଜଳ ଛୁଇଁ ନଥିବା ଆଖି,
ହଳେ ବଇଁଶୀ ଛୁଇଁ ନଥିବା ପାପୁଲି
ଆଉ, କେବେ ମେଘ ଛୁଇଁ ନଥିବା
କାହା ଓଠ ନାଲିକୁ ହିଁ
ସେଇ ଜଣକ ଫଗୁଣରେ ଲେଖି ପଠାଏ
ଅଭିସାରର ଆମନ୍ତ୍ରଣ
କେଉଁ ପକ୍ଷୀଗୀତ ଶୁଣୁଥିବା କାନ ହଳକରୁ
ତା କପଟର ପବନ ପଠେଇ
ଖସେଇଦିଏ ଝୁମକା,
ନିତିମଲ୍ଲୀ ଫୁଲଗଛ ସନ୍ଧିରୁ
ପୁଣି ସେ ହିଁ ଖୋଜିଆଣେ ତାକୁ;
କିଛି ନଜାଣିଲା ପରି !

ପାପୁଲି ଛୁଆଁଇ କାନଫୁଲ ଧରଉ ଧରଉ
ଆକାଶ ଉପରେ ଉଆଁ ଗୋଲ ଜହ୍ନକୁ ହସାଏ,
ସେଇ ଝିଅଟିର ଆଖି ହଳକରେ
କଜଳ ହେଇ ଆଙ୍କି ହେବାକୁ ଜିଦ୍ କରେ,
କେଉଁ ବିଭୋର ବେଳାରେ
ପକ୍ଷୀ ମାନଙ୍କୁ ଅଡେଇ ଦେଇ ଜଙ୍ଗଲରୁ
ସାରା ରାତି ବଜେଇ ଚାଲେ ବଇଁଶୀ,
ଫୁଲ ମାନଙ୍କୁ ଶୁଆଇ ଦିଏ ନିଘୋଡ଼ ନିଦରେ,
କାକର ଟୋପାଙ୍କୁ ଅଚେତ କରେ,
ଭଅଁର ଓ ପ୍ରଜାପତି ଘର ମାନଙ୍କରେ
ବାହାରୁ ଦେଇଦିଏ ତାଲା,
ଖୋଜି ଆଣିଦିଏ ସେଇ ଝିଅଟି
ତୁଠରେ ହଜେଇ ଦେଇଥିବା ପଟେ ପାଉଁଜି !

ତଥାପି ତାକୁ ବୁଝି ପାରୁନଥିବା ଝିଅଟିର
ଅପ୍ରେମରେ ସେ ଆହୁରି ଆହୁରି
ଭାବପ୍ରବଣ ହୁଏ,
ବତୁରି ଯାଏ ସେ ରାତିର ଜହ୍ନ କିରଣରେ,
ସେ ବାସୁଥାଏ ଠିକ୍ ନୀଳକଇଁ ଭଳି
ଶେଷରେ ନଇଁଯାଏ ତା'ପାଖେ
ଝିଅଟିର କଜଳ ପିନ୍ଧା ଆଖି,
ସେ ଜିଦ୍ କରେ ବେଶୀ ବେଶୀ
ବଇଁଶୀ ଗୀତ ଶୁଣିବ ବୋଲି,
ସେଇ ନୀଳ ପ୍ରେମିକକୁ ମାଗେ
ତାଆ ଓଠ ପାଇଁ ରଙ୍ଗ,
ତା ବଇଁଶୀଟିକୁ କରେ
ସବୁ ଭୋଗୁଥିବା ମୁହୂର୍ତ୍ତଙ୍କ ସାକ୍ଷୀ
ଅଥଚ, ରାତି ପାହିଲେ ସେ ମଲ୍ଲୀବଣରେ
ପବନର କୋହକୁ ମୁଣ୍ଡେଇ
ଖରା ଦୌଡୁଥାଏ ଯାଡେ ସ୍ୟାଡେ,
ଫେରି ଯାଇଥିବା ସେଇ ଜଣକୁ
ଲେଉଟି ଆସିଥିବା ପକ୍ଷୀମାନେ ଖୋଜୁ ଖୋଜୁ
ବେଳ ପୂର୍ବରୁ ହେଇଆସେ ସଞ୍ଜ; କେବଳ
ସାଇତା ହୁଏ ଦି' ଟୋପା କଳାରଙ୍ଗର ଲୁହ
ଚମ୍ପାରଙ୍ଗର ଦରମେଲା କଜଳ ତବାରେ !

❤ ବ୍ରହ୍ମପୁର, ଗଞ୍ଜାମ

# କବିତା ମଣିଷକୁ ଦୁଃଖରୁ, ଅନ୍ଧାରରୁ, ଯନ୍ତ୍ରଣାରୁ, କାତରତା ଓ କାପୁରୁଷତାରୁ ମୁକ୍ତି ଦିଏ : ଖଗେଶ୍ୱର ମହତାବ

**ଖଗେଶ୍ୱର ମହତାବ** ଓଡିଆ କାବ୍ୟ ଜଗତର ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ। ସ୍ୱାଭାବିକ ଭାବରେ କବିତା ଜଗତକୁ ଆସି କବିତାକୁ ନିଜ ପ୍ରବୃତ୍ତି କରିବାର ନିଷ୍ଠା ତାଙ୍କୁ ଦେଇଛି ଅନନ୍ୟ ପରିଚୟ । ତାଙ୍କ କବିତାର ଧାଡିମାନଙ୍କରେ ଅନୁଭବୀ ହୁଏ ସ୍ୱତଃସ୍ଫୁର୍ତ୍ତ ଭାବୋଚ୍ଛ୍ୱାସର ସ୍ରୋତସ୍ୱିନୀ ଧାରା । ତାଙ୍କ କବିତାମାନଙ୍କରେ ଅଛି ଚନ୍ଦ୍ରବିଧୌତ ରଜନୀ ପରି ଯେଉଁ ଛଳଛଳ ଭାବ, ମେଘର ବଳୟ ପରି ସମ୍ମୋହନୀ ଶବ୍ଦ ଏବଂ ପ୍ରାର୍ଥନା ପରି ମୋହମୟ ଉପସ୍ଥାପନା, ତାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରି ଚିହ୍ନାଏ । "ଲେଖକମାନେ ସାଧାରଣ ମଣିଷଙ୍କ ପାଇଁ ଲେଖନ୍ତୁ, ସାଧାରଣ ମଣିଷର ଜୀବନର କଥା ସାଧାରଣ ମଣିଷକୁ ଛୁଇଁଲା ଭଳି ଭାଷାରେ ଲେଖନ୍ତୁ" ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ କବିତାର କଥା କହିଲେ ମୋର ନିୟତି । କବିତା କାହିଁକିର ଉତ୍ତର ଖୋଜିବା ବେଳେ ମୋ ସାମ୍ନାକୁ ଆସେ ସ୍ମୃତିରେ ସାଇତା ମୋର ପିଲା ଦିନରୁ ଆଜିଯାଏ ଭୋଗି ଆସିଥିବା ଜୀବନ ଅନେକ ଘଟଣା ଦୁର୍ଘଟଣା ଅନେକ ଦୃଶ୍ୟ। ତାହା ଭିତରର କିଛିଅଁମୋତେ ଆହ୍ଲାଦିତ କରିଛି, କିଛି ଆଘାତ କରିଛି, କିଛି ମୋତେ ନିରବ କରିଦେଇଛି। କିଛି ମୁଖର କରିଛି । ମୋର ଦୁଃଖ ଓ ଭଲ ପାଇବା ମୋତେ ମାଟି ମନସ୍କ, ଆକାଶ ମନସ୍କ ଓ କବିତା ମନସ୍କ କରିଛି ତାହା ମୋ ସୃଜନର ଆଧାର ପାଲଟିଛି । ମୋର ବିଶ୍ୱାସ କବିତା ହୃଦୟରୁ ରିକ୍ସ ନିଏ । ମୁଁ କେବଳ ତାକୁ କାଗଜରେ ଉତାରେ । ମୁଁ ଜାଣେ କବିତା ହେଉଛି ମୋ ହୃଦୟର କଥା, ମୋ ଆତ୍ମାର କଥା । ଅର୍ଥାତ୍ କବିତା ହୃଦୟ ଛଡା କିଛି ନୁହେଁ । ମୋ ଭିତରେ କବିତାର ସ୍ଫୁରଣ ସ୍ୱାଭାବିକ ଭାବେ ହୋଇଛ, ଯେମତି ମାଟିର ଛାତି ଚିରି ଅଙ୍କୁରିତ ହୁଏ ବୀଜ, ଡାଳପତ୍ର ମେଲେ, ଫୁଲ ଫୁଟେ ଓ ଚହଟେ । ଯେମିତି ନଈ ଛଳଛଳ ବହେ, ପକ୍ଷୀମାନେ ଗୀତ ଗାଆନ୍ତି, ପ୍ରଜାପତି ଭଅଁର ଫୁଲରୁ ଫୁଲ ଉଡି ବୁଲନ୍ତି । ସ୍କୁଲ ଜୀବନରେ ମୁଁ କବିତା ଲେଖିଥିଲି ସ୍ୱାଭାବିକ ଭାବରେ । କ୍ରମଶଃ କବିତା ଲେଖିବା ମୋର ପ୍ରବୃତ୍ତି ପାଲଟି ଗଲା ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ କାହାକୁ ସ୍ମରଣ କରିବେ ?

■■ ମୋର ସାରସ୍ୱତ ପ୍ରେରଣା ହେଉଛନ୍ତି ମୋର ହାଇସ୍କୁଲ ଜୀବନର ଶିକ୍ଷକ ସ୍ୱର୍ଗତ ବାଞ୍ଛାନିଧି ପଣ୍ଡା, ଯିଏ ଜଣେ କବି ଓ କବିତାର ଜିଉଁଥିବା ମଣିଷ ଥିଲେ । ସେ ମୋର ସାହିତ୍ୟର ଆଦ୍ୟଗୁରୁ । ଦ୍ୱିତୀୟରେ ମୋ ବାପା । ସେ କବିତା ଲେଖଉଥିଲେ ଓ ବହୁପାଠୀ ଥିଲେ । ଆମ ଘରେ ରାଧାନାଥ ଗ୍ରନ୍ଥାବଳୀ, ଗଙ୍ଗାଧର ମେହେର ଗ୍ରନ୍ଥାବଳୀ, ମାନସିଂହଙ୍କ ଧୂପ ଓ ଅନେକ ବହି ଥିଲା, ଯାହାକୁ ପଢିବାର ସୁଯୋଗ ପାଇଥିଲି ଓ ପିଲାଦିନୁ କବିତା ଲେଖିବାର ପ୍ରୟାସ କରିଥିଲି । ମୁଁ ମୋର ସମସ୍ତ ପୂର୍ବସୂରୀଙ୍କୁ ଏଇ ଅବସରରେ ସ୍ମରଣ କରିବି । ସେମାନେ ହେଲେ ସାରଳା ଦାସ, ଜଗନ୍ନାଥ ଦାସ, ବଳରାମ ଦାସ । ତା' ଛଡା ରାଧାନାଥ, ଗଙ୍ଗାଧର, ଫକୀରମୋହନ, ଗୋପବନ୍ଧୁ ଓ ମାୟାଧର ମାନସିଂହ ଆଦିଙ୍କୁ ମଧ ସ୍ମରଣ କରିବି । ସେମାନଙ୍କ କାବ୍ୟ କବିତା ପଢିନଥିଲେ ମୋ ଭିତରକୁ ପଢିବାର ନିଶା ଆସିନଥାନ୍ତା ।

■ କେମିତି ଥିଲା ସାହିତ୍ୟ ଜଗତରେ ଆପଣଙ୍କ ପ୍ରବେଶ ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ସ୍କୁଲ ପାଠ ସରିଲା ପରେ କଲେଜକୁ ଆସିଥିଲି । କଲେଜ ମେଗାଜିନ ପାଇଁ କବିତା ଦେଲି । ଏକାଥରକେ ପାଞ୍ଚଟି । ସେ ବର୍ଷ ମୋର ଗୋଟିଏ କବିତା ବି ପ୍ରକାଶିତ ହେଲା ନାହିଁ। ଯେହେତୁ ମୁଁ ବିଳମ୍ବରେ ଦେଇଥିଲି ଓ ମେଗାଜିନ କାମ ସାରିବା ଉପରେ ଥିଲା । ହେଲେ ମୋର ଶିକ୍ଷକ ବାଉରୀବନ୍ଧୁ କର ସେ କବିତା ସବୁ ପଢି ମୋତେ ପ୍ରଶଂସା ଓ ଉତ୍ସାହିତ କରିଥିଲେ। ପରବର୍ଷ ମୋ ଠାରୁ ସେ କବିତା ନେଇ ମେଗାଜିନରେ ଛାପିଲେ । ଛାପା ଅକ୍ଷରରେ ମୁଁ ମୋର କବିତା ଦେଖ ଖୁସିର ସୀମା ରହିଲା ନାହିଁ । ମୁଁ ତା'ପରଠୁ କବିତାରେ ହଜିଗଲି । ସେବେଳର ଅନୁଭବ ବ୍ୟକ୍ତ କରିବା ଶବ୍ଦରେ ସହଜ ନୁହେଁ। ବର୍ତ୍ତମାନ ସୁଦ୍ଧା ମୋର ନଅଟି ପୁସ୍ତକ ପ୍ରକାଶିତ ହୋଇଛି । ପ୍ରଥମ କବିତା ପୁସ୍ତକ 'ବିଷର୍ଣ୍ଣ ସୂର୍ଯ୍ୟ' ୧୯୮୪ରେ ସାଥିମହଲ, କଟକ ଦ୍ୱାରା ପ୍ରକାଶିତ ଓ ୧୯୮୫ ମସିହାରେ ଗଳ୍ପ ପୁସ୍ତକ 'ସୁଅ ସାମ୍ନାର ମଣିଷ' ତାପରେ ମୋର ଆଉ ସାତଟି କବିତା ପୁସ୍ତକ ପ୍ରକାଶିତ ହୋଇଛି । ସେଗୁଡ଼ିକ ହେଲା 'ମିଠାମାଟି', 'ଆକାଶ ଯେଉଁଠି ଛାତ', 'ଗୁଣୁଗୁଣୁ ଅନ୍ଧାର', 'ଖୁସିଖୁସି ବେଳ', 'ପାଖଲୋକ', 'ଆଲୁଅର ଅଧିବାସ' ଓ 'ଆଖିଫିଟିଲେ ଆକାଶ' । ମୋର ଦ୍ୱିତୀୟ କବିତା ପୁସ୍ତକ 'ମିଠାମାଟି' ମୋର ଅଧକ ପ୍ରିୟ । ପ୍ରଥମ କବିତା ପୁସ୍ତକ ଓ ଦ୍ୱିତୀୟ କବିତା ପୁସ୍ତକର ପ୍ରକାଶନ ଭିତରେ ପ୍ରାୟ କୋଡିଏ ବର୍ଷର ବ୍ୟବଧାନ । ଏହି ସମୟ ମଧ୍ୟରେ ଲେଖିଥିବା କବିତା ଗୁଡିକ ଭିତରୁ ପାଠକୀୟ ଶ୍ରଦ୍ଧା ଓ ଆଦର ପାଇଥିବା ବଛାବଛା କବିତା ଗୁଡିକ ସ୍ଥାନିତ ସେ ବହିଟି ମୋର କୋଡିଏ ବର୍ଷର ସ୍ୱପ୍ନ । ସେଥିପାଇଁ ବୋଧେ ସେହି ବହିଟି ମୋର ବେଶୀ ପ୍ରିୟ ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଭାବନ୍ତି ?

■■ ମୁଁ ସବୁବେଳେ ଆଶାବାଦୀ । ମୋ ମନରେ ନୈରାଶ୍ୟର ସ୍ଥାନ କେବେ ନଥିଲା କି ଏବେ ନାହିଁ । ଏପରିକି ମୋ ବିଫଳତାକୁ ନେଇବି କେବେ ସାହିତ୍ୟ ନୈରାଶ୍ୟର କଥା କହିନାହିଁ । ଅନ୍ଧାରରୁ ଆଲୁଅକୁ ନେବା ସ୍ଥିତିଶୀଳତାକୁ ଭାଙ୍ଗିବା ଓ ଆଗକୁ ଯିବା ସାହିତ୍ୟର ଧର୍ମ । ସାହିତ୍ୟ ଆଗରୁ ଜନ ସାଧାରଣଙ୍କ ପ୍ରିୟ ଥିଲା ଓ ଭବିଷ୍ୟତରେ ମଧ୍ୟ ସାହିତ୍ୟ ସାଧାରଣ ଲୋକଙ୍କର ହିଁ ହୋଇ ରହିବ । ତେବେ ସାହିତ୍ୟକମାନେ ନିଜର ସୃଷ୍ଟି ପ୍ରତି ଅଧିକ ଯତ୍ନଶୀଳ ଓ ଅଙ୍ଗୀକାରବଦ୍ଧ ହେବା ଦରକାର । ସାଧାରଣ କଥା, ସାଧାରଣ ଲୋକଙ୍କ ବୁଝିବା ଭଳି ଭାଷା ଓ ସେମାନଙ୍କର ଗ୍ରହଣୀୟ ହେବାପରି ହେଲେ ଭଲ ହେବ । ଆମ ଭାଷାସାହିତ୍ୟର ବିକାଶ ହେବ ଓ ପାଠକୀୟତା ମଧ ବଢିବ ।

■ କୁହାଯାଉଛି କି ସାହିତ୍ୟ ଏବେ ସଙ୍କଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ମାହିତ୍ୟକୁ ଆଧାରକରି କରାଯାଇପାରିବ କି ?

■■ ମାତୃଭାଷା ଏବେ ସଙ୍କଟରେ; ଏ ବିଶ୍ୱାସ ମୋର ନାହିଁ । ସ୍ୱୀକାର କରିବି ଆମ ମାତୃଭାଷା ଆଗରୁ ସଙ୍କଟରେ ଥିଲା । ହେଲେ ଏବେକା ସ୍ଥିତି ଅଲଗା। ଆମର ପୂର୍ବସୂରୀ ମାନଙ୍କର ପ୍ରୟାସ ଆମ ମାତୃଭାଷାକୁ ସୁରକ୍ଷା ଦେଇଛି ଓ ଆମ ମାତୃଭାଷା ଏବେ ସୁରକ୍ଷିତ । ଆମର ମାତୃଭାଷାକୁ ଭିତ୍ତି କରି ଆମ ପ୍ରଦେଶ ଓଡ଼ିଶା ଗଠନ କରାଯାଇଛି । ଯଦି ଅସୁରକ୍ଷା ପ୍ରଶ୍ନ ଉଠୁଛି ସାହିତ୍ୟ ମାତୃଭାଷାର ବିକାଶ କ୍ଷେତ୍ରରେ ମୁଖ୍ୟ ଆଧାର ହେବ, ସାହିତ୍ୟର ଗ୍ରହଣୀୟତା, ପାଠକୀୟ ଶ୍ରଦ୍ଧା ଆମର ମାତୃଭାଷାକୁ ସଙ୍କଟ ମୁକ୍ତ କରି ବିଶ୍ୱ ସାହିତ୍ୟରେ ସ୍ଥାନ ଦେବ ସେ ବିଶ୍ୱାସ ମୋର ଅଛି । ମୁଁ ଜାଣେ ଆମ ଭାଷାସାହିତ୍ୟ ପଡୋଶୀ ସାହିତ୍ୟରୁ ନ୍ୟୁନ ନୁହେଁ। କେତେକ କ୍ଷେତ୍ରରେ ମୋ ଭାଷା ସାହିତ୍ୟ ତ ବହୁତ ଆଗରେ ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଭଲ କବିତା କହିଲେ ମୁଁ ଗୋଟିଏ କଥା ବୁଝେ ଯେ କି ଭଲ କବିତା ଯାହା ତାହା ହୃଦୟକୁ ଛୁଁଏ ଓ ଆପଣା ଭାବରେ ଆତ୍ମାକୁ ଆନ୍ଦୋଳିତ କରେ, ଆହ୍ଲାଦିତ କରେ । ମୁଁ ବୁଝେ କବିତା ହୃଦୟ ଛଡା, ଭଲ ପାଇବା ଛଡା, ଲୋଡିବାପଣ ଛଡା ଆଉ କିଛି ନୁହଁ । କବିତା ମଣିଷକୁ ଦୁଃଖରୁ, ଅନ୍ଧାରରୁ, ଯନ୍ତ୍ରଣାରୁ, କାତରତା ଓ କାପୁରୁଷତାରୁ ମୁକ୍ତି ଦିଏ । ମନ ଉପରେ କବିତାର ପ୍ରଭାବ ଏତେ ଯେ ତାହା ରଙ୍କକୁ ରାଜା କରିଦିଏ ।

■ ଓଡଆ ଭାଷାସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ଭାଷାସାହିତ୍ୟର ଭବିଷ୍ୟତ ତ ଉଜ୍ଜ୍ୱଳ, ଏଥିରେ ମୋର ସନ୍ଦେହ ନାହିଁ । ଏବେ ଏଇ ଗତ ଦଶବର୍ଷ ଭିତରେ ଆମ ସାହିତ୍ୟକୁ ପ୍ରବେଶ କରି ଥିବା ଅନେକ ତରୁଣଙ୍କୁ ମୁଁ ପଢି ଆସୁଛି । ସେମାନଙ୍କର ଗଳ୍ପ, କବିତା ଓ ଅନ୍ୟାନ୍ୟ ରଚନା ମୋତେ ଚମତ୍କୃତ କରିଛି । ମୋର ଆଶା, ସେମାନେ ଓ ଭବିଷ୍ୟତରେ ଯେଉଁମାନେ ସାହିତ୍ୟ କ୍ଷେତ୍ରକୁ ପ୍ରବେଶ କରିବେ ସେମାନଙ୍କର କଳା କୌଶଳ ଓ ପ୍ରକାଶଶୈଳୀ ଆମର ଭାଷା ସାହିତ୍ୟକୁ ଆହୁରି ସମୃଦ୍ଧ କରିବ । ଆମ ସାହିତ୍ୟର ଆଦର ଓ ଗ୍ରହଣୀୟତାର ବିକାଶ ହେବ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ଜୀବନରେ କେତେକଙ୍କ ପାଇଁ ପୁରସ୍କାରର ଗୁରୁତ୍ୱ ନଥାଏ । ସେମାନେ ସେମାନଙ୍କ ସାଧନାରେ ମଗ୍ନ। ପାଠକର ଆଦର ସେମାନଙ୍କ ପାଇଁ ସବୁ କିଛି, ଯେ କୌଣସି ପୁରସ୍କାରରୁ ସେମାନଙ୍କ ପାଇଁ ପାଠକର ଶ୍ରଦ୍ଧା ଓ ଗ୍ରହଣୀୟତା ଗୁରୁତ୍ୱପୂର୍ଣ୍ଣ। ଏବେ ଅନେକ ଲେଖକଙ୍କ ପୁରସ୍କାର ପାଇଁ ଧାଁ ଦୌଡ ଓ ଯୋଜନାବଦ୍ଧ କାର୍ଯ୍ୟକଳାପ ଓ ତତ୍ପରତାକୁ ଦେଖିଲେ ପୁରସ୍କାରର ଗୁରୁତ୍ୱ ନାହିଁ ବୋଲି ମଧ୍ୟ କହି ହେବନି । ହେଲେ ଭଲ ସୃଷ୍ଟି ପୁରସ୍କାରର ଅପେକ୍ଷା କରେନା। ପୁରସ୍କାର ଆପେ ଆପେ ଭଲ ସୃଷ୍ଟିର ତଥା ସ୍ରଷ୍ଟାର ଅନୁଧାବନ କରେ । ଅଭିଯୋଗ ଶୁଣାଯାଏ କେତେକ ପୁରସ୍କାରରେ ଚଞ୍ଚକତା ହୁଏ ଓ କେତେକ ପୁରସ୍କାରକୁ କିଛି ଲୋକ ବ୍ୟବସାୟ ଭାବରେ ଗ୍ରହଣ କରି ନେଇଛନ୍ତି । ମୁଁ ଚାହେଁ ସମସ୍ତଙ୍କ ପାଖକୁ ଏହି ବାର୍ତ୍ତା ଯିବା ଆବଶ୍ୟକ, ଯେ ଲେଖକ ପୁରସ୍କାର ପଛରେ ନ ପଡି ସେମାନଙ୍କ ସାଧନା ଜାରି ରଖନ୍ତୁ । ସାହିତ୍ୟକୁ ନେଇ ବେପାର ବଣିଜ ନକରନ୍ତୁ। ଲେଖକମାନେ ସାଧାରଣ ମଣିଷଙ୍କ ପାଇଁ ଲେଖନ୍ତୁ, ସାଧାରଣ ମଣିଷର ଜୀବନର କଥା ସାଧାରଣ ମଣିଷକୁ ଛୁଇଁଲା ଭଳି ଭାଷାରେ ଲେଖନ୍ତୁ। ତାଛଡ଼ା ସମସ୍ତଙ୍କୁ ଅନୁରୋଧ କରିବି ସେମାନେ ନିଜେ ନିୟମିତ ଓଡ଼ିଆ ବହି କିଣନ୍ତୁ , ପଢନ୍ତୁ ଓ ନିଜର ପିଲାମାନଙ୍କୁ ପଢିବାକୁ କୁହନ୍ତୁ । ନିଜକୁ ଓଡ଼ିଆ ବୋଲି ଗର୍ବ କରନ୍ତୁ।

❤❤

■ **ଅକ୍ଷରେ ଖଗେଶ୍ୱର ମହତାବ**



ନାମ- ଖଗେଶ୍ୱର ମହତାବ
ଜନ୍ମତାରିଖ ୦୧-୦୬-୧୯୬୧
ବାପାଙ୍କ ନାମ .୰ ଭାଗିରଥି ମହତାବ
ମାତାଙ୍କ ନାମ- ୰ ତୁଳସୀମଞ୍ଜରୀ ମହତାବ
ସ୍ଥାୟୀ ଠିକଣା- ନରେନ୍ଦ୍ରପୁର, ପୋ ଗଡ଼ିଜଙ୍ଗ, ଜି - କଟକ
ବର୍ତ୍ତମାନ ଠିକଣା- ପ୍ଲଟ ନମ୍ବର -୭୫୬/ ୧୭୫୬,ଗଜାନନ ହୋମସ, ଯୋହଳ, ପୋ-ପାହାଳ, ଭୁବନେଶ୍ୱର
ମୋ) ୯୯୩୭୭୦୮୦୪୨

**ପ୍ରକାଶିତ ପୁସ୍ତକ :**

୧- ବିଷର୍ଣ୍ଣ ସୂର୍ଯ୍ୟ (ଗଳ୍ପ ସଂକଳନ)
୨- ସୁଅ ସାମ୍ନାର ମଣିଷ (ଗଳ୍ପ ସଂକଳନ)
୩- ମିଠାମାଟି (କବିତା ସଂକଳନ)
୪- ଆକାଶ ଯେଉଁଠି ଛାତ (କବିତା ସଂକଳନ)
୫- ପାଖଲୋକ (କବିତା ସଂକଳନ)
୬- ଗୁଣୁଗୁଣୁ ଅନ୍ଧାର (କବିତା ସଂକଳନ)
୭- ଖୁସିଖୁସି ବେଳ (କବିତା ସଂକଳନ)
୮- ଆଲୁଅର ଅଧିବାସ (କବିତା ସଂକଳନ)
୯- ଆଖି ଫିଟିଲେ ଆକାଶ (କବିତା ସଂକଳନ)



ପ୍ରାଣପ୍ରିୟା ପତ୍ନୀ ନୀଳିମାଙ୍କ ସହ କବି ...



ସ୍ମୃତିଚିତ୍ର : ମା' ଓ ଅନ୍ୟ ତିନି ଭାଇଙ୍କ ସହ କବି ଖଗେଶ୍ୱର ମହତାବ...



ସୁଖୀ ପରିବାର : ପତ୍ନୀ ନୀଳିମା, ପୁତ୍ର କମଳାକ୍ଷ, ବୋହୂ ସୁଇଟି ଓ ଝିଅ ଅନ୍ୱେଷାଙ୍କ ସହ ଲେଖକ ଖଗେଶ୍ୱର ମହତାବ ।

**ଧାରାବାହିକ ଉପନ୍ୟାସ**

# ଭିନ୍ନ ଏକ ବିଦେଶିନୀ

**ଡ.ରତିକାନ୍ତ ବେହେରା**



ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।

ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୨୧

ଏଣୁ ସେଥିରୁ ସେ ନିବୃତ୍ତ ରହି କଥାର ପ୍ରସଙ୍ଗ ବଦଳେଇ କହିଲା - "ମା'ଙ୍କର ଦେହାନ୍ତଠାରୁ ଠାକୁରଘରେ ସଂଜବଳିତା ଦିଆହୋଇ ନାହିଁ। ଅଶୁଦ୍ଧିକାଳ ତ ସରିଗଲାଣି। ଆଜି ଠୁଁ ସଂଧ୍ୟାବତି ଦେବକଥା । ଆପଣ ଦେବେ ନା ମୁଁ ଦେଇଦେବି ?"

ଆନନ୍ଦର ଚେତନା ଉପରେ କିଏ ଯେମିତି ଶକ୍ତ ପାହାରଟିଏ ପକେଇଲା, ଏମିତି ଲାଗିଲା ତାକୁ। ଆରେ ସତ ତ! କେତେ ଗଭୀରତାରୁ ପ୍ରଶାନ୍ତି ଏ କଥାଟିକୁ ଭାବିଛି । ଅଥଚ କାମ ନହସରେ ସେ ସଂପୂର୍ଣ୍ଣ ଭୂଲିଯାଇଥିଲା । ଏତଦ୍‌ଭିନ୍ନ ହିନ୍ଦୁ ବ୍ରାହ୍ମଣଘରର ରୀତି ନୀତି ସହିତ ଏତେ ନିବିଡ଼ ସଂପର୍କ କେମିତି ରହିଛି ପ୍ରଶାନ୍ତିର! ତେବେ କିଏ ଏହି ଯୁବତୀଟି, କ'ଣ ତା'ର ପରିଚୟ, ଏତେଦିନ (ତେରଦିନ) ରହିଲାଣି ସେ ଏ ଘରଟିରେ, ସବୁ ନିଜର ଓ ଆପଣାର ବୋଲି ଭାବି ଚଳୁଛି। ଅଥଚ ତା' ସଂପର୍କରେ କିଛି ହେଲେ ସେ ବୁଝିନାହିଁ ଏ ଯାଏଁ? କେଉଁ ବିବେକରେ?

"ତୁମେ ସେ ସବୁ କାର୍ଯ୍ୟ ଜାଣ?"

"ଜାଣିଛି, ଖୁବ ଉତ୍ତମ ଭାବେ ସବୁ ଜାଣିଛି।"

"ତୁମେ ହିଁ ଠାକୁରଘରେ ଏବଂ ଚଉଁରାମୂଳେ ଆଜିଠୁଁ ସଂଧ୍ୟାବତି ଦେବ। କିନ୍ତୁ ତା' ପୂର୍ବରୁ ତୁମେ କିଏ ଏବଂ ତୁମର ପରିଚୟ କ'ଣ ଦେବାକୁ ହେବ!"- କହିଲା ଆନନ୍ଦ।

"ଯଦି ନ ଦିଏଁ, ତେବେ କ'ଣ ଅନୁମତି ମିଳିବନି ଏ ଛୋଟିଆ କାମଟି କରିବାକୁ?"- ବଡ଼ ଚାତୁର୍ଯ୍ୟପୂର୍ଣ୍ଣ ଶୁଣାଗଲା ପ୍ରଶାନ୍ତିର ସ୍ୱର।

"ନ ଦେଲେ ବି ମୁଁ ମୋର ଅନୁମତି ଫେରାଇ ନେଇ ପାରିବି ନାହିଁ। ଏ କଥା ଜାଣିଛି ଯେ, ତୁମେ ଏଥିରେ ଆଦୌ ଖିଲାପ କରିବ ନାହିଁ। ଘରର ଅନ୍ୟାନ୍ୟ କାର୍ଯ୍ୟ ପରି ତୁମେ ଏହାକୁ ସୂଚାରୁ ରୂପେ କରିଦେଇ ପାରିବ। ତଥାପି ତୁମର ସଠିକ ପରିଚୟ ମୁଁ ଅଦ୍ୟାବଧି ଜାଣିନାହିଁ। ତୁମେ ବି ତାକୁ ନିଜସ୍ୱ ସଂପତ୍ତି ପରି ଗଣ୍ଠିଧନ କରି ରଖିଛ । କିଛି ନ କହିଲେ ବି ମୋର ଅନୁଭବ ଅଛି, ତୁମେ ଅଜ୍ଞାତ କୁଳଶୀଳା ଯୁବତୀ, ଯାହାକୁ ମୋର ଏଇ ଦୁର୍ଦ୍ଦିନରେ କାଳିଆ ଆଣି ଭେଟ କରିଦେଇଛି। ଏଥିପାଇଁ ମୁଁ ତାଙ୍କ ପାଖରେ କୃତଜ୍ଞ। ଏ ଭେଟାଭେଟିର ପ୍ରକୃତ ଉଦ୍ଦେଶ୍ୟ କ'ଣ, ତାହା ତାଙ୍କୁ ହିଁ ଜଣା। ତୁମ ଉପକାର ପାଇଁ ତୁମ ନିକଟରେ ମୁଁ ଋଣୀ। ଶଂକିତ ଭାବେ ଏ ଘରେ ପାଦ ଥାପିଲା ପରେ, ତୁମର କେହି କିଛି ବିଗାଡ଼ିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲି। ଆଜିଯାଏଁ ତୁମେ ଏ ଘରେ ଏକୁଟିଆ ସ୍ୱଚ୍ଛନ୍ଦରେ ବିଚରଣ କରି ଆସିଛ। ୟା' ପରେ ତୁମେ ଚାହିଁଲେ ଏଠି ଅବସ୍ଥାନ କରିପାର କିମ୍ବା ଯଦି ହୋଟେଲ୍ ଜୀବନକୁ ଫେରିବାକୁ ଚାହିଁବ, ତାହେଲେ ମୁଁ ତୁମକୁ ସେଠାରେ ତୁମ ସଚ୍ଚୋଟତାର ପ୍ରମାଣ ଦେଇ ରଖେଇ ଦେଇ ପାରିବି। ଏବେ ନିର୍ଣ୍ଣୟ ତୁମର।"

ସ୍ତବ୍ଧ ହୋଇଯାଇଥିଲା ପ୍ରଶାନ୍ତି, ଏମିତି ଭାବେ ଆନନ୍ଦଙ୍କ ପାଖରୁ ରୋକଠୋକ୍ ଜବାବ ଶୁଣି। ହୋଟେଲ୍‌କୁ ପୁଣି ଫେରିଯିବା କଥା ଶୁଣି ବାସ୍ତବରେ ଶଙ୍କିଗଲା ସେ। କହିଲା, "ସଂଧ୍ୟା ହେବାକୁ ଆଉ ଅଳ୍ପ ସମୟ ବାକି ଅଛି। ମୋ ଦୁଃଖପୂର୍ଣ୍ଣ ଜୀବନର କାହାଣୀ ସଂପୂର୍ଣ୍ଣ କରିବାକୁ ଏ ଉପଯୁକ୍ତ ବେଳା ନୁହେଁ। ତଥାପି କହୁଛି, ଶୁଣନ୍ତୁ।"

ସେଦିନ ଆନନ୍ଦବାବୁଙ୍କୁ ପ୍ରଶାନ୍ତି ନିଜ ଅଶ୍ରୁଳ ଜୀବନର ଯେଉଁ କାହାଣୀ ଶୁଣେଇଥିଲା, ତା'ର ସାରାଂଶ ଥିଲା ଏଇଆ - ଘର ମୋର ନିମାପଡ଼ା। ଏକ ନିମ୍ନମଧ୍ୟବିତ୍ତ କୁଳୀନ ବ୍ରାହ୍ମଣ ପରିବାରରେ ସେ ଜନ୍ମ ହୋଇଥିଲା। ପିତାମାତାଙ୍କର ସେ ଥିଲା ଏକମାତ୍ର ସନ୍ତାନ। ବାପା ଥିଲେ ନିମାପଡ଼ା ହାଇସ୍କୁଲ୍‌ର ପିଅନ । ପ୍ରଶାନ୍ତିକୁ ଯେତେବେଳେ ଦଶବର୍ଷ ହୋଇଥିଲା, ସେତେବେଳେ କାମଳ ରୋଗରେ ପୀଡ଼ିତା ହୋଇ ମା' ଚାଲିଗଲେ ଆରପାରିକୁ। ପ୍ରଶାନ୍ତି ସେତେବେଳେ ପଢୁଥିଲା ପଞ୍ଚମ ଶ୍ରେଣୀରେ। ଝିଅ ପାଠପଢ଼ିବ, ନିଜ ଗୋଡ଼ରେ ନିଜେ ବାଟ ଚାଲିବ, ଏମିତି ଗୋଟେ ଖିଆଲ ତଙ୍କ ମନ ଭିତରେ ଦାନା ବାନ୍ଧିଥିଲା। ଏଣୁ ଝିଅର ପାଠପଢ଼ାରେ କୁଆଡ଼େ କ୍ଷତିହେବ, ଏମିତି ଗୋଟେ ମିଛ ସଫେଇ ଦେଇ ସେ ପୁଣି ଦ୍ୱିତୀୟ ବିବାହ କଲେ। ନୂଆ ମା' ଆସିବା ପର୍ଯ୍ୟନ୍ତ ଯେଉଁ ଗୋଟିଏ ବରଷ ବାପଝିଅ ଏକାଠି ଥିଲେ, ସେତେବେଳେ ଆଦୌ ଅସୁବିଧା ହେଉନଥିଲା ତା' ପାଠପଢ଼ାରେ। ସକାଳେ ସଅଳ ସଅଳ ଉଠି ଉଭୟେ ପାଇଟି ଓ ନିତ୍ୟକର୍ମ ସାରିଦେଇ ରୋଷେଇ କରି ଖାଇପିଇ ସ୍କୁଲ ଯାଉଥିଲେ ଏବଂ ସଂଧ୍ୟାରେ ଫେରି ପାଠପଢ଼ା ସହିତ ଘରକାମରେ ବାପାଙ୍କୁ ସାହାଯ୍ୟ କରୁଥିଲା ପ୍ରଶାନ୍ତି। ପୁଣି ବାପା ଆଉଥରେ ବିବାହ କରନ୍ତୁ, ପ୍ରଶାନ୍ତି ଏମିତି ଚାହୁଁ ନ ଥିବା ସତ୍ତ୍ୱେ ବାପା କିନ୍ତୁ ବିବାହ କଲେ।

ଏବେ କନିଆ ମା'ର ଆଖିରେ କଣ୍ଟା ହୋଇ ଲାଖି ରହିଲା ପ୍ରଶାନ୍ତି। ପୂର୍ବବତ୍ ଘରର ସବୁ କାମଦାମ କରୁଥିଲା ପ୍ରଶାନ୍ତି । ସ୍କୁଲ୍ ବି ଯାଉଥିଲା । ଘର କାମରୁ ଫୁରସତ୍ ପାଇଲେ ହୋମ୍‌ଟାସ୍କ୍ କରୁଥିଲା। ଏମିତି ଏମିତିରେ ବିତିଯାଇଥିଲା ସାତ ବରଷ। ଏଇ ସାତ ବରଷ ଭିତରେ ତା' ବାପା ମଦନମୋହନ ନୂଆମା'ଙ୍କ ଦ୍ୱାରା ନିର୍ଯାତିତ ହୋଇଛନ୍ତି ଅନେକ। ଉଭୟେ ବାପଝିଅ ମାନସିକ ଯନ୍ତ୍ରଣା ବି ସହିଛନ୍ତି। ଅବଶେଷରେ ନୂଆ ମା'ଙ୍କ ପାଖରେ ପରାଜିତ ହୋଇଛନ୍ତି ବାପା। କଲେଜ ଶିକ୍ଷାର ଅଧାରୁ ପାଠପଢ଼ା ବନ୍ଦ କରି ଘରର ରୋଷେଇବାସ, ବାଡ଼ି ବଗିଚା ଓ ଅନ୍ୟାନ୍ୟ ଯାବତୀୟ କାମ କରିବା ସତ୍ତ୍ୱେ ବି କନିଆ ମା' ତାକୁ ସଉତୁଣୀ ଭଳି ବ୍ୟବହାର କରୁଥିଲା। ଘୋର ମାନସିକ ଚାପଗ୍ରସ୍ତ ହୋଇ କ୍ୟାନସର୍‌ରେ ପୀଡ଼ିତ ହେଲେ ପ୍ରଶାନ୍ତିର ବାପା ମଦନମୋହନ।

ସେତେବେଳେ ତାଙ୍କର ଆରୋଗ୍ୟ ପାଇଁ ଜି.ପି.ଏଫ୍.ରେ ଥିବା ସମସ୍ତ ଅର୍ଥ ସରିଯିବା ପରେ ପ୍ରାୟ ଚାଷଜମି ସବୁ ବିକ୍ରି ହୋଇଗଲା। କିନ୍ତୁ ସେ ଆରୋଗ୍ୟ ହେଲେନାହିଁ। ଚାଲିଗଲେ ଆରପାରିକୁ। କନିଆମା'ଙ୍କର ପୁଅ ଝିଅ ଚାରୋଟି। ବାପାଙ୍କ ରିଟାୟାର୍ଡ୍ କରିବାର ଅବଧି ଥିଲା ପାଞ୍ଚ ଛ' ବରଷ। ଏଣୁ ବାପାଙ୍କ ଚାକିରିଟି ସେ ପାଇବା କଥା, ପ୍ରଥମେ ସ୍ଥିର ହୋଇଥିଲା । କିନ୍ତୁ ଏଥିରେ ପ୍ରଶାନ୍ତିର କନିଆ ମା' ରାଜି ହୋଇ ନଥିଲା । ତା'ର ଯୁକ୍ତି ଥିଲା, ପ୍ରଶାନ୍ତି ବାହାହୋଇ ପର ଘରକୁ ଚାଲିଯିବ ଚାକିରିଟି ସହିତ । ଏପଟେ ପିଲା ଚାରୋଟି ଭାସିଯିବେ । ଏଣୁ ଚାକିରିଟି ସେ ନିଜେ ହିଁ କରିବ।

ଶେଷରେ ତାହାହିଁ ହେଲା। କନିଆ ମା' ସ୍କୁଲରେ ପିଅନ ଚାକିରିଟି ପାଇଲେ। ପ୍ରଶାନ୍ତି ଘରେ ରହି ଘରକାମ ସହିତ ସମସ୍ତଙ୍କ କଥା ବୁଝା ସୁଝା କରିବା, ପିଲାମାନଙ୍କର ଲାଳନପାଳନ କରିବା ଦାୟିତ୍ୱଟିକୁ ଆଦରି ନେଲା। ପରିବାର ଚଳିଲା ମା'ଙ୍କର ଚାକିରି ପଇସାରେ। ସୁନ୍ଦର ଭାବେ ପରିବାରଟିକୁ ପରିଚାଳନା କରିନେଉଥିଲା ପ୍ରଶାନ୍ତି।

ଖୁବ୍ କମ୍ ଦିନ ଭିତରେ କନିଆ ମା'ର ମାନସିକତାରେ ଘଟିଲା ଘୋର ପରିବର୍ତ୍ତନ। ପ୍ରଶାନ୍ତିକୁ ଆଉ ଘରେ ରଖାଇଦେବାକୁ ଚାହିଁଲା ନାହିଁ ସେ। "ବାପ ମରିଗଲା ତ ତୋର ଏଠି ଅଧିକାର ସରିଗଲା। ଏ ଘର ମୋର। ତୋର ଏଠି ସ୍ଥାନ ନାହିଁ।" ଏମିତି କଥା ବାରମ୍ବାର ଶୁଣି, ଯାବତୀୟ କଟୂକଥା ଓ ନିର୍ଯାତନା ସହି ସହି ପଥର ପାଲଟି ଯାଇଥିଲା ପ୍ରଶାନ୍ତି। ତଥାପି ଘରଛାଡ଼ି କେଉଁ ଆଡ଼େ ବି ଯାଉ ନ ଥିଲା।

ଏବେ ସମସ୍ତ ସୀମା ଲଂଘନ କରିଯାଇଥିଲା କନିଆ ମା'। ପ୍ରଶାନ୍ତିକୁ ଘରୁ ଧକ୍କାମାରି ବାହାର କରିଦେଇଥିଲା ଏବଂ ଘରେ ଚାବି ଦେଇ ଚାଲିଯାଇଥିଲା ସ୍କୁଲ।

ଅସହାୟ ପିଲାର ଏକମାତ୍ର ସାହା ଭରସା ମାମୁଘର। କନିଆ ମା'ଙ୍କ ଭୟରେ ପାଖପଡ଼ିଶା କେହି ଦିନେ ଓଳିଏ ସେମାନଙ୍କ ପାଖେ ରହିଯିବାକୁ ଡାକି ନଥିଲେ।

ନିମାପଡ଼ାରୁ ଗୋପ। ଚାଲିଚାଲି ଯାଇ ପହଞ୍ଚିଥିଲା ପ୍ରଶାନ୍ତି ସେଇ ଗାଁରେ, ମାମୁଘରେ । ଝିଅଟିଏ ଯେମିତି ସର୍ବତ୍ର ସବୁ ସମୟରେ ବୋଝ ! ସେପରି ବୋଝଟିକୁ ଦୂରେଇ ଦେବାକୁ ମାମୁ ତାଙ୍କର ଜଣେ ବନ୍ଧୁଙ୍କୁ କହି, ଆଣି ରଖେଇ ଦେଇଥିଲେ ପୁରୀର ସେହି ହୋଟେଲ ସାଗରିକାରେ। ଗୋଟେ ମିଥ୍ୟା ଅଭିଯୋଗରେ ସାଗରିକା ହୋଟେଲ୍‌ର ଦ୍ୱାର ତା' ପାଇଁ ଅବରୁଦ୍ଧ ହୋଇଗଲା। ତାକୁ ଖୋଲିବ କିଏ ?

ଅଶ୍ରୁଳ ଆଖିରେ ପ୍ରଶାନ୍ତି ସେଦିନ ନିଜ କାହାଣୀ ନିଜେ ବଖାଣି ଥିଲା ଆନନ୍ଦ ବାବୁଙ୍କ ସାମ୍ନାରେ । ପ୍ରଶାନ୍ତିର ଜୀବନ କାହାଣୀକୁ ଖୁବ୍ ମନଯୋଗ ସହକାରେ ଗମ୍ଭୀର ହୋଇ ଶୁଣୁଥିଲା ଆନନ୍ଦ । ଏ ସାରା ସଂସାରଟାରେ କ୍ୟାନସର୍ ପରି ଦୁରାରୋଗ୍ୟ ଚତୁଃପାର୍ଶ୍ୱରେ ମାଡ଼ିଗଲାଣି। ଏଥିରେ ଉଜୁଡ଼ି ଯାଉଛି ପରିବାର। ବିପର୍ଯ୍ୟସ୍ତ ହୋଇ ପଡୁଚି ଜୀବନ। ତେବେ ପ୍ରଶାନ୍ତିର ବାପାଙ୍କୁ ଯଦି କ୍ୟାନସର୍ ହୋଇ ନଥାନ୍ତା, ତାହେଲେ ପ୍ରଶାନ୍ତି ପରି ଝିଅର ଏମିତି ଦୁର୍ଦ୍ଦଶା ଘଟି ନଥାନ୍ତା! କହିଲା- "ତୁମର ଆଉ ସେ ହୋଟେଲ୍‌କୁ ଯିବା ଦରକାର ନାହିଁ ପ୍ରଶାନ୍ତି। ତୁମେ ଯାଅ, ସଂଧ୍ୟାବତି ଜାଳି ଦେଇ ଆସ ଠାକୁରଙ୍କ ପାଖରେ ଓ ଚଉଁରା ମୂଳେ ।"

କ୍ରମେ ଗୋଧୂଳି ଅପସାରିତ ହୋଇ ସଂଧ୍ୟା ନଇଁ ଆସୁଥିଲା । ଆଜି ପୂର୍ଣ୍ଣିମା । ଗଛ ଉହାଡ଼ରୁ ଚହଟି ଆସୁଚି ଜହ୍ନ। ଝାପ୍ସା ଦିଶୁଛି ଜହ୍ନର କିୟଦଂଶ। ବେଶି ଭାଗ କବଜାରେ ରଖିଛି ମେଘ । ଗୋଧୂଳି ଓ ଜହ୍ନର ଝାପସା କିରଣ ମିଶି କେମିତି ଏକ ହୋଇଯାଇଛନ୍ତି ! ସେମାନଙ୍କ ଭିତରେ ଆଦୌ କିଛି ଫରକ ନାହିଁ । ଏବେ ଆନନ୍ଦର ସମଗ୍ର ଚେତନାକୁ କବଳିତ କରି ନେଉଛି ପ୍ରଶାନ୍ତି । ଚୁପ୍‌ଚାପ୍ ବସି ଆନନ୍ଦ ଭାବୁଛି ପ୍ରଶାନ୍ତି କଥା । ସାରା ସଂସାରଟା ସଂଗତି ଉପରେ ଅସଂଗତି, ଅସଂଗତି ଉପରେ ସଂଗତିର ଶୃଙ୍ଖଳାରେ ଗତିଶୀଳ । ଭଲ ପରେ ମନ୍ଦ ଆଉ ମନ୍ଦ ପରେ ଭଲ ହେଉଛି ସଂସାରର ନିୟମ । ପ୍ରଶାନ୍ତିର ବାପା ମରିଯିବା, ଘରୁ ତଡ଼ା ଖାଇବା, ହୋଟେଲ୍‌ରେ ଚାକିରି କରିବା, ସେଠାରୁ ବହିଷ୍କୃତ ହେବା, ମା'ଙ୍କର ଦେହାନ୍ତ, ସ୍ୱର୍ଗଦ୍ୱାରରେ ପ୍ରଶାନ୍ତିର ପ୍ରତୀକ୍ଷା ଓ ଏଠାରେ ଅବସ୍ଥାନ କରିବା ପଛରେ କ'ଣ କିଛି ଅଦୃଷ୍ଟର ହାତ ରହିଛି କି? ଏ ସବୁ ଘଟଣା ଯେମିତି ଲାଗୁଛି ସଂସାରରେ ସବୁକିଛି ପୂର୍ବ ନିର୍ଦ୍ଧାରିତ। ପରସ୍ପର ପରସ୍ପର ସହିତ ଘନିଷ୍ଠ ଭାବେ ଅନୁବନ୍ଧିତ । ଏଥିରେ ଟିକେ ବି ଛିଦ୍ର ନାହିଁ। ଖୁବ୍ ଘନିଷ୍ଠ ଭାବେ ସଂପର୍କିତ ହୋଇ, ଖଞ୍ଜାଖଞ୍ଜି ହୋଇ ରହିଛି ଘଟଣାଗୁଡ଼ିକ।

ପ୍ରଶାନ୍ତି ଆଜି ନିଜକୁ ଯଥାସଂଭବ ସଜେଇ ହୋଇଛି। ଦିଶୁଚି ସୁନ୍ଦର। ଆଗ ଅପେକ୍ଷା ଢେର୍‌ଗୁଣ ଅଧିକ ।

ଠାକୁର ଘରେ ପ୍ରଶାନ୍ତି ସନ୍ଧ୍ୟା ଦେଉଛି । ଆଜି ପୂର୍ଣ୍ଣିମା । ଦୀପଦାନ କରୁଛି ଠାକୁରଙ୍କୁ । ଦୀପର ଆଲୋକରେ ଆଲୋକିତ ହୋଇଛି ପ୍ରଶାନ୍ତିର ମୁଖମଣ୍ଡଳ। ଆହୁରି ଗୋରା ଦିଶୁଛି ଚହଟ ଚିକ୍କଣ ଜହ୍ନପରି ।

ପ୍ରଶାନ୍ତି ନିର୍ଭୁଲ ଭାବେ ଉଚ୍ଚାରଣ କରୁଛି ଶ୍ଳୋକ, ଲଳିତ କଣ୍ଠରେ। ଆନନ୍ଦର ଶ୍ରୁତିରେ ଅନୁରଣିତ ହେଉଛି।

"ଦୀପଂଜ୍ୟୋତି ପରଂବ୍ରହ୍ମ ଦୀପଂ ଜ୍ୟୋତି ଜନାର୍ଦ୍ଦନ,
ଦୀପଂଜ୍ୟୋତି ହରେତ୍ ପାପଂ ସନ୍ଧ୍ୟା ଦୀପ ନମସ୍ତୁତେ।"

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
(ମୋ): ୯୪୩୯୪୪୨୯୪୨

# ସେବା ମୂର୍ତ୍ତି ସ୍ୱାମୀ ଶିବାନନ୍ଦ



**ହେମନ୍ତ କୁମାର ପରିଡ଼ା**

ସାଧୁସନ୍ଥମାନେ ଆମ ସଂସ୍କୃତିର ପ୍ରତ୍ୟକ୍ଷ ପରିଚାୟକ ଓ ମାନବ ଜାତିର ମାର୍ଗ ଦର୍ଶକ। ଜୀବନର ପରିପୂର୍ଣ୍ଣତା ପଥେ ସେମାନଙ୍କ ଆଚରଣ ଓ ଉଚ୍ଚାରଣ ଜନିତ ଆଦର୍ଶବୋଧ ହେଉଛି ସଫଳତାର ଆଧାରଶୀଳା। ଗଙ୍ଗୋତ୍ରୀର ଗଙ୍ଗାଜଳ ଦୀର୍ଘ ପଥ ଅତିକ୍ରମ ପରେ ମଧ୍ୟ ଗଙ୍ଗାସାଗର ଠାରେ ସେହି ଗଙ୍ଗାଜଳ ଭାବେ ଉପଲବ୍ଧ। ସେହିଭଳି ସତ୍ୟଦ୍ରଷ୍ଟା ମୁନିଋଷି ମାନଙ୍କର ଉପଲବ୍ଧ ଜ୍ଞାନ ପରମ୍ପରାକ୍ରମେ ସାଧୁସନ୍ଥ ମାନଙ୍କ ମାଧ୍ୟମରେ ଏବେ ବି ଆମ୍ଭ ମାନଙ୍କୁ ଉପଲବ୍ଧ ସେହିଭଳି ଏ ଯୁଗର ଜଣେ ମହାନ ଅନୁଭବ ସନ୍ଥ ହେଉଛନ୍ତି ଯୁଗ ପୁରୁଷ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜ।

ଆଧ୍ୟାତ୍ମ ଆକାଶର ଜଣେ ଉଜ୍ଜ୍ୱଳତମ ନକ୍ଷତ୍ର ହେଉଛନ୍ତି ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀ। ଭାରତୀୟ ସଂସ୍କୃତି ଓ ଦର୍ଶନ ମାଧ୍ୟମରେ ଆଧ୍ୟାତ୍ମିକତାର ପ୍ରଚାର ପ୍ରସାର ପାଇଁ ସେ ତନମନ ଢ଼ାଳି ଦେଇଥିଲେ। ସେ ଯୋଗ ଏବଂ ବେଦାନ୍ତ ଦର୍ଶନର ଜଣେ ପ୍ରମୁଖ ପ୍ରବକ୍ତା। ଋଷିକେଶର ଗଙ୍ଗାକୂଳସ୍ଥ ଆନନ୍ଦ କୁଟୀର ତାଙ୍କର ସାଧନ ପୀଠ। ସେହି ସାଧନ ପୀଠ ଛାଡ଼ି ସେ ଅନ୍ୟତ୍ର କୁଆଡ଼େ ଯାଇନଥିଲେ। ହେଲେ ଆପଣା ସତ ସଂକଳ୍ପ, ନିଷ୍ଠାପର ଉଦ୍ୟମ ଓ କଠୋର ତପସ୍ୟା ଦ୍ୱାରା ସେ ବିଶ୍ୱର କୋଣେ କୋଣେ ପହଞ୍ଚି ପାରିଥିଲେ। ଆଧ୍ୟାତ୍ମିକ ସାଧନା, ସେବା ଓ ସତସଙ୍ଗର ତ୍ରିଧାରା ସଙ୍ଗମରେ ସେ ତାଙ୍କ ଜୀବନକୁ ଏକ ତୀର୍ଥକ୍ଷେତ୍ରରେ ପରିଣତ କରିଦେଇଥିଲେ। ବିଶ୍ୱର ସମସ୍ତ ଧର୍ମ ଏବଂ ସକଳ ଧର୍ମ ଶାସ୍ତ୍ରର ଜ୍ଞାନ ସାଗର ମନ୍ଥନ କରି ସେ ଯେଉଁ ଅମୃତ ପ୍ରାପ୍ତି କରିଥିଲେ ତାର ସାରାଂଶକୁ ମାତ୍ର ଛଅ ଗୋଟି ଶବ୍ଦରେ ପ୍ରକାଶ କରିଥିଲେ। ସେଗୁଡ଼ିକ ହେଲା - ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ସାକ୍ଷାତକାର। ଏହି ଅମୃତମୟ ଅନୁଭବକୁ ସେ ଆପଣା ଜୀବନରେ ପ୍ରୟୋଗ କରି ନିଜେ ଅମୃତମୟ ହେବା ସହିତ ସମସ୍ତଙ୍କ ପାଇଁ ଅମୃତମୟ ଦିବ୍ୟଜୀବନର ମାର୍ଗ ପ୍ରଦର୍ଶନ କରିଥିଲେ। ଏହି ସମସ୍ତ ସାଧନାକୁ ଆହୁରି ସଂକ୍ଷିପ୍ତ କରି ସେ ମାତ୍ର ଦୁଇଟି ବାକ୍ୟ ଉପରେ ପ୍ରାଧାନ୍ୟ ଦେଉଥିଲେ। ଭଲ ହୁଅ, ଭଲ କର। ଏହା ହିଁ ସମସ୍ତ ସାଧନା ଓ ସଫଳତାର ମୂଳ ଅଟେ। ମାନବ ନିର୍ମାଣ ଓ ଦିବ୍ୟ ଜୀବନର ପ୍ରତିଷ୍ଠା ପାଇଁ ସେ ୧୯୩୬ ମସିହାରେ ଆରମ୍ଭ କରିଥିଲେ ଦିବ୍ୟ ଜୀବନ ସଂଘ। ଏହା ଏବେ ବିଶ୍ୱବ୍ୟାପୀ ଏକ ବିଶାଳ ଅନୁଷ୍ଠାନ।

ଶିବାନନ୍ଦଙ୍କର ପୂର୍ବାଶ୍ରମ ନାମ ଥିଲା କୁପୁସ୍ୱାମୀ। ପିତା ଶ୍ରୀ ପିଏସ ଭେଙ୍କୁ ଆୟାର ଓ ମାତା ଶ୍ରୀମତୀ ପାର୍ବତୀ ଅମ୍ମାଲାଙ୍କର କୋଳ ମଣ୍ଡନ କରି ୧୮୮୭ ମସିହା ସେପ୍ଟେମ୍ବର ୮ ତାରିଖ ଦିନ



ଧରା ମଣ୍ଡନ କରିଥିଲେ। ଭାରତର ଅନ୍ୟତମ ପ୍ରଖ୍ୟାତ ସଂସ୍କୃତ ବିଦ୍ୱାନ ଅପେୟା ଦିକ୍ଷିତାରଙ୍କ ବଂଶରେ ତାଙ୍କ ଜନ୍ମ। ଲୋକେ ତାଙ୍କୁ ଶିବଙ୍କ ଅବତାର ବୋଲି ବିଶ୍ୱାସ କରୁଥିଲେ। ଜୀବନରେ ଲାଭ କରିଥିବା ସମସ୍ତ ସଫଳତା ଓ ପାର୍ଥିବ ପ୍ରତିଷ୍ଠା ଅଧିକ ଦିନ ତାଙ୍କୁ ଆକୃଷ୍ଟ କରି ରଖିପାରିଲା ନାହିଁ। ଜୀବନର ରହସ୍ୟ ଖୋଜି ଖୋଜି ପରମ ରହସ୍ୟମୟ ପରମାତ୍ମାଙ୍କର ସନ୍ଧାନରେ ଅନ୍ତର୍ମୁଖୀ ହୋଇ ଉଠିଲେ। ମାଳୟ ଛାଡ଼ି ହିମାଳୟ ଚାଲି ଆସିଲେ। ସେହିଠାରେ ପରମହଂସ ବିଶ୍ୱାନନ୍ଦଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତ ହୋଇ ୧୯୨୪ ମସିହା ଜୁନ ମାସ ୨୪ ତାରିଖ ଦିନ ସ୍ୱାମୀ ଶିବାନନ୍ଦ ଭାବେ ପରିଚିତ ହେଲେ। ସେ କହୁଥିଲେ ଆତ୍ମ ସାକ୍ଷାତକାର ଜୀବନର ପରମ ଲକ୍ଷ୍ୟ। ସେବା, ପ୍ରେମ, ଦାନ ଓ ଧ୍ୟାନ ଦ୍ୱାରା ଆତ୍ମ ସାକ୍ଷାତକାର ପଥ ସୁଗମ ହୋଇଥାଏ। ସେବା ଓ ଦେବାକୁ ସେ ଜୀବନର ବ୍ରତ ଭାବେ ବାଛି ନେଇଥିଲେ। ଏକଦା ଜଙ୍ଗଲ ମଧ୍ୟରେ ଅବସ୍ଥିତ ଶିବାନନ୍ଦ ଆଶ୍ରମ ସେବା କ୍ଷେତ୍ରରେ ସାରା ବିଶ୍ୱପାଇଁ ପ୍ରେରଣାର ଉତ୍ସ ଥିଲା। ବିଶ୍ୱର ବହୁ ବିଶିଷ୍ଟ ସାଧୁସନ୍ଥ, ମହାନ ଜନନାୟକମାନେ ସେଠାକୁ ଆସିଛନ୍ତି। ଅନେକ ବିଶିଷ୍ଟ ବ୍ୟକ୍ତି ସେହି ମାଟିରୁ ମଣିଷ ହୋଇ ବିଶ୍ୱ ପାଇଁ ଆଲୋକ ବର୍ତ୍ତିକା ହୋଇଛନ୍ତି। ସ୍ୱାମୀଜୀ ଥିଲେ ମାନବତାର ପ୍ରତୀକ ଜଣେ ମହାନ ମହାତ୍ମା। ଦକ୍ଷିଣ ଭାରତର ଗଙ୍ଗା କୁହାଯାଉଥିବା ତାମ୍ରପର୍ଣ୍ଣୀ ନଦୀ କୂଳରେ ଉଦ୍ଭବ ହୋଇଥିବା ଦିବ୍ୟ ଆଲୋକ ଆପଣା ଦିବ୍ୟ ପ୍ରକାଶ ଓ ପ୍ରଖର ପ୍ରଜ୍ଞାରେ ସାରା ସଂସାରକୁ ପ୍ରକାଶିତ କରିଛି। ଦେବଭୂମି ହିମାଳୟର ପରମ ପାବନୀ ମା ଗଙ୍ଗାକୂଳରେ ୧୯୬୩ ମସିହା ଜୁନ ମାସ ୧୪ ତାରିଖ ଦିନ ସେହି ଦିବ୍ୟ ପ୍ରକାଶର ଇହଲୀଳା ସମାପ୍ତ ହେଲା। ସ୍ୱାମୀ ଶିବାନନ୍ଦଙ୍କୁ ଆଉ ସ୍ୱଶରୀରରେ ଦର୍ଶନ କରି ହେବନାହିଁ। କିନ୍ତୁ ତାଙ୍କ ପବିତ୍ର ପ୍ରକାଶ ଏବେ ବି ସାରା ବିଶ୍ୱକୁ ପ୍ରକାଶ ପ୍ରଦାନ କରୁଛି। ମାର୍ଗ ପ୍ରଦର୍ଶନ କରୁଛି। ଭଲ ହୁଅ- ଭଲ କରର ଆମର ଆହ୍ୱାନ ଏବେ ବି ମାନବ ଜାତିକୁ ପ୍ରବୁଦ୍ଧ କରୁଛି, ପ୍ରେରଣା ଦେଉଛି।

♥ ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ,
(ମୋ) : ୮୭୬୩୧୦୭୧୨୬

# ଓଡିଆ ସାହିତ୍ୟର ମହାନାୟକ : ମନୋଜ ଦାସ

**ଅକ୍ଷୟ କୁମାର ରାଉତ**



ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ। ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ। ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ। ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ। ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ। ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା। ଜମାଳପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ। ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର। ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ। ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ। ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ। ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ। ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତ୍ତର ପାସ୍ କରି କଟକର ଖ୍ରୀଷ୍ଟ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ।

କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା। ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ। ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା। ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ। ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା। ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ। ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ। ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ। ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ। ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ। ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ। ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା। ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି। ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ। ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ। ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ। ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ। ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ।



> ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ। ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ। ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା। ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି।

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ।

♥ ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
(ମୋ)-୯୯୩୭୬୯୧୪୭୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ମଧୁରୋକ୍ତି...( ୨୭ )

## ♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ସମସ୍ତଙ୍କ ଆଗରେ ଧୈର୍ଯ୍ୟବାନ୍ ହୋଇ ସବୁକିଛି ସମ୍ଭାଳି ନେଇ ଯାଉଥିବା ମହାନ୍ ଶାସକ କିନ୍ତୁ ରାତିରେ ନିଜ କୋହ ଲୁଚେଇ ପାରୁ ନଥିଲେ...!! ମାତା ସୀତା ଦୂରରେ ଥିଲେ ମଧ୍ୟ ସେ ଦିନେ ନା ଦିନ ଫେରି ଆସିବେ ବୋଲି ମନ ଭିତରେ ଆଶା ରହୁଥିଲା। କିନ୍ତୁ ବର୍ତ୍ତମାନ ସେହି ସବୁ ଆଶା ସବୁଦିନ ପାଇଁ ନିଷ୍ପ୍ରାଣ ହୋଇ ଯାଇଥିବାରୁ ମନରେ ଆଉ ସରସତା ନଥିଲା। ସୀତା ବିନା ରାମ ସତରେ ଆଉ କଣ ଜୀବନ୍ତ ହୋଇ ରହି ପାରିଥିଲେ କି...!!??

ସୀତାଙ୍କ ଆଗମନ ଦଶରଥଙ୍କ ମନରେ ଅଫୁରନ୍ତ ଆଗ୍ରହ ଆଣି ଦେଇଥିଲା ଆଉ ସେ ହୁଏତ ଭୁଲି ଯାଇଥିଲେ ପୁରୁଣା ଅଭିଶାପର କରାଳ ସତ୍ୟତାକୁ। କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା ନିଜର ଚାରି ଚାରିଟା ବୋହୂ ପାଇ ନିଜକୁ ଧନ୍ୟ ମନେ କରୁଥିଲେ। ସେଦିନ ତୁମ ସହିତ ମାତା ସୀତା ବନ ଗମନ କଲା ପରେ ରାଜ ମହଲରେ ଅସମ୍ଭବ ନିରବତା ଖେଳି ଯାଇଥିଲା। ସମସ୍ତଙ୍କ ମନରୁ ସରସତା ଲିଭି ଯାଇଥିଲା। କିନ୍ତୁ ଚଉଦ ବର୍ଷର ଦୀର୍ଘ ପ୍ରତୀକ୍ଷା ପରେ ଯେତେବେଳେ ତୁମେମାନେ ଫେରି ଆସିଥିଲ ପୁଣି ସମସ୍ତେ ନୂତନ ଜୀବନ ପାଇବା ପରି ଖୁସିରେ ନାଚି ଉଠିଥିଲେ। ହେଲେ ସେହି ଖୁସି ମଧ୍ୟ ସେହିଦିନ ଦୂରକୁ ଚାଲି ଯାଇଥିଲା ଯେଉଁଦିନ ଧୋବଣୀ କଥା ଶୁଣିବା ପରେ ମାତା ମହଲରୁ ଚାଲି ଯାଇଥିଲେ। ଅଯୋଧ୍ୟା ଯେତେ ଭାଗ୍ୟଶାଳୀ ଥିଲା ସେତେ ଅଭାଗା ମନେ କରୁଥିଲା ନିଜକୁ ଏପରି ଭାବରେ ମାତାଙ୍କ ଅନ୍ତର୍ଦ୍ଧାନ ହେବା ପରେ...!!

ସର୍ବଦା ନିଜ କର୍ତ୍ତବ୍ୟକୁ ଗୁରୁତ୍ୱ ଦେଇ ଆସୁଥିଲ ତୁମେ। ନିଜ ଲୁହକୁ ପିଇ ଖୁସି ବାଣ୍ଟିବାକୁ ଚେଷ୍ଟା କରୁଥିଲ। କର୍ତ୍ତବ୍ୟ ପାଳନ ପାଇଁ ମନୁଷ୍ୟ ଜନ୍ମ ନିଏ ଏବଂ ନିଜର କର୍ମ କରି ସାରିବା ପରେ ଧରାପୃଷ୍ଠରୁ ବିଦାୟ ନିଏ ଏହିକଥା ଚିରନ୍ତନ ସତ୍ୟ। ଏଥିରେ ଦ୍ୱିମତ ନାହିଁ। ସଂସାରର ପାଳନକର୍ତ୍ତା ହୋଇ ମଧ୍ୟ ଅବତାର ନେଇଥିଲ ତୁମେ କେବଳ ଏହି ଦୁନିଆରେ ଏକ ଆଦର୍ଶ ସ୍ଥାପନା କରିବା ପାଇଁ। ସ୍ୱାର୍ଥ କବଳିତ ମନୁଷ୍ୟକୁ ସତ୍ୟ, ନ୍ୟାୟର ମାର୍ଗ ଦେଖେଇବା ପାଇଁ। ଆଉ ସେହି ନୈତିକତାର ଅମ୍ଳାନ ଇତିହାସ ତୁମେ ଲେଖିବାରେ ସମର୍ଥ ହୋଇଥିଲ ନିଜର ରାମରାଜ୍ୟ କାଳରେ। ଏକ ଆଦର୍ଶ ସମାଜ ପ୍ରତିଷ୍ଠା କରିବାର ଲକ୍ଷ୍ୟ ତୁମର ସଫଳ ହୋଇଥିଲା। ମାତା ସୀତା ଯେଉଁ ତ୍ୟାଗ କରିଥିଲେ ତାହା ସବୁଦିନ ପାଇଁ ଜନ ସାଧାରଣଙ୍କୁ ସତର୍କ କରେଇ ଦେଇଥିଲା। ଆଉ ନାରୀମାନଙ୍କୁ ନିଷ୍ପେସିତ ହୋଇ ରହିବାକୁ ହେଉ ନଥିଲା। କୌଣସି ପ୍ରକାରେ ଲାଂଛିତ ଅପମାନିତ ହେବାକୁ ହେଉ ନଥିଲା ସମାଜରେ। ସଶକ୍ତିକରଣର ଯେଉଁ ବାର୍ତ୍ତା ଦେବାକୁ ସଂଘର୍ଷ କରି ମାତା ନିଜ ଜୀବନ ଏକ ତପସ୍ୟାରେ ପରିଣତ କରି ଦେଇଥିଲେ ସେହି ସ୍ୱପ୍ନ ତାଙ୍କର ସଫଳ ହୋଇଥିଲା। ଦୋଷୀ ଆପେ ନିଜ ଦୋଷର ସ୍ୱୀକାର କରି ଦଣ୍ଡ କାମନା କରି ଦେଉଥିଲା। ନ୍ୟାୟ ପାଇଁ ସମସ୍ତେ ସମାନ ଥିଲେ। ବର୍ଣ୍ଣ, ଧର୍ମ, ଲିଙ୍ଗ ଭେଦ ଲୋପ ପାଇଥିଲା ନ୍ୟାୟ ଆଗରେ। ସତେ ଯେପରି ଏତେ ପ୍ରତୀକ୍ଷା ପରେ ଧରିତ୍ରୀ ଟିକେ ଶାନ୍ତିରେ ନିଶ୍ୱାସ ନେଉଥିଲା ତୁମ ରାଜୁତି କାଳରେ। ପୁରାଣ ଅନୁସାରେ ଅନେକ ବର୍ଷର ଦୀର୍ଘ ରାଜୁତି କରିବା ସହିତ ନିଜର ସୁଯୋଗ୍ୟ ବଂଶଧର ମାନଙ୍କୁ ତୁମେ ପ୍ରଶିକ୍ଷିତ କରେଇ ଦେଇଥିଲ ଭବିଷ୍ୟ ନିର୍ମାଣ ପାଇଁ। ଭରତ, ଲକ୍ଷ୍ମଣ ଏବଂ ଶତ୍ରୁଘ୍ନଙ୍କ ସନ୍ତାନମାନେ ମଧ୍ୟ ନିଜ ନିଜର ଯୋଗ୍ୟତା ପ୍ରତିପାଦନ କରି ପାରିଥିଲେ। ସମସ୍ତଙ୍କୁ ନ୍ୟାୟ ଦେଉ ଦେଉ ନିଜ ପ୍ରତି କିନ୍ତୁ ବୋଧେ ତୁମେ ଅନ୍ୟାୟ କରି ଚାଲିଥିଲ। କାରଣ ତୁମ ମନ ହୃଦୟ ସବୁ ସେହିଦିନ ମାତା ସୀତାଙ୍କ ସହିତ ଭୂତଳଗାମୀ ହୋଇ ସାରିଥିଲା। ତଥାପି ବୋଧେ ତୁମେ ସମୟର ପ୍ରତୀକ୍ଷା କରିଥିଲ। କାରଣ ତୁମେ ଠିକ୍ ଜାଣିଥିଲ ସମୟ ପୂର୍ବରୁ କିଛି କେବେ ହୁଏନି।

ସେଦିନ ସ୍ୱୟଂ କାଳ ଏକ ତପସ୍ୱୀ ରୂପ ନେଇ ଆସିଥିଲେ ତୁମ ସହ ଭେଟ କରିବା ପାଇଁ। ଆଉ ଆସିବା ପରେ ତୁମଠାରୁ ସଂକଳ୍ପ ନେଇ ଯାଇଥିଲେ ଯେ ସେମାନେ ଯେଉଁ କକ୍ଷରେ କଥା ହେବେ ସେ ଭିତରକୁ ଯେପରି କେହି ମଧ୍ୟ କୌଣସି କାରଣରୁ ପ୍ରବେଶ କରିବେନି। ଆଉ ଯଦି କେହି ପ୍ରବେଶ କରନ୍ତି ତେବେ ସ୍ୱୟଂ ରାମଚନ୍ଦ୍ର ତାଙ୍କୁ ମୃତ୍ୟୁଦଣ୍ଡ ଦେବେ। ତୁମେ ମଧ୍ୟ ଶପଥ କରିଥିଲ। ଆଉ ଦ୍ୱାର ମୁହଁରେ ବୀର ଲକ୍ଷ୍ମଣଙ୍କୁ ଦ୍ୱାରରକ୍ଷୀ ହିସାବରେ ଠିଆ ହେବାକୁ କହିଥିଲ। ନିଜ ବଚନ କଥା ମଧ୍ୟ ଜଣେଇ ଦେଇଥିଲ।

ଦ୍ୱାର ବନ୍ଦ ହେବା ପରେ କାଳଯମ ନିଜ ସ୍ୱରୁପରେ ଆସି ତୁମକୁ ମନେ ପକେଇ ଦେଇଥିଲେ ଯେ ତୁମର ଅବତାର ଗ୍ରହଣର ଉଦ୍ଦେଶ୍ୟ ସଫଳ ହୋଇଛି। ଏଣୁ ବର୍ତ୍ତମାନ ତୁମକୁ ବୈକୁଣ୍ଠଧାମ ପ୍ରତୀକ୍ଷା କରି ରହିଛି ବୋଲି କହିଥିଲେ। ମାତା ମହାଲକ୍ଷ୍ମୀ ସୀତା ଅବତାରରୁ ନିଜକୁ ମୁକ୍ତ କରି ଅପେକ୍ଷାରତା ଅଛନ୍ତି ବୋଲି ଜଣେଇଥିଲେ। ସ୍ମିତ ହାସ୍ୟ ସହିତ ନିଜ ସମ୍ମତି ଦେଇଥିଲ ତୁମେ। ହେଲେ ସବୁଠାରୁ ବଡ ସମସ୍ୟା ଥିଲା ବୀର ହନୁମାନଙ୍କ ଅନୁରକ୍ତି। ସେ ଥାଉ ଥାଉ ସ୍ୱୟଂ କାଳ ମଧ୍ୟ ନାଚାର ହୋଇ ପଡ଼ିଥିଲେ। ତାଙ୍କର ସାହସ ନଥିଲା ତୁମକୁ ଆବାହନ କରି ସାଙ୍ଗରେ ନେଇ ଯିବାକୁ। ସେ ଅନେକ ଥର ଚେଷ୍ଟା କରିବା ପରେ ମଧ୍ୟ ହନୁମାନ ତାଙ୍କୁ ତୁମ ସହ ଭେଟ କରେଇ ଦେଇ ନଥିଲେ। ସେହି ଭକ୍ତି ପ୍ରେମ ଭରା ବନ୍ଧନରୁ ଉପୁଜୁଥିବା ସମସ୍ୟାର ସମାଧନ କେବଳ ତୁମେ ହିଁ କରି ପାରିବ ବୋଲି ସେ ତୁମକୁ ବିନତି କରିଥିଲେ। ସମୟର ବିବଶତା ତୁମେ ବୁଝି ପାରିଥିଲ ପ୍ରଭୁ। ଆଉ ଆଶ୍ୱାସନା ଦେଇଥିଲ ଯେ ନିଜର ସମସ୍ତ ଭାବ ପ୍ରବଣତା ଦୂର କରି ଅତି ଶୀଘ୍ର ଏହି ଅବତାରର ପରିସମାପ୍ତି କରିବ।

ଠିକ୍ ସେତିକି ବେଳେ କ୍ଷଣକୋପୀ ଋଷି ଦୁର୍ବାସା ଆସି ପହଞ୍ଚିଗଲେ ତୁମକୁ ଦେଖା କରିବା ପାଇଁ। ଆଉ ଲକ୍ଷ୍ମଣଙ୍କୁ କହିଲେ ତୁରନ୍ତ ସେ ଶ୍ରୀରାମଙ୍କୁ ଦେଖା କରିବାକୁ ଚାହାନ୍ତି। ଲକ୍ଷ୍ମଣଙ୍କର ମନେ ପଡ଼ି ଯାଇଥିଲା ଯେ ବନବାସ ସମୟରେ ସେ ଥରେ ମାତ୍ର ନିଜ ଭ୍ରାତାଙ୍କ କଥା ଅମାନ୍ୟ କରିଥିଲେ। ସେହିଦିନ ଯେଉଁଦିନ ତୁମେ ସ୍ୱର୍ଣ୍ଣ ମୃଗ ପଛରେ ଅନୁଧାବନ କଲା ବେଳେ ମାତା ସୀତାଙ୍କ ସୁରକ୍ଷା ଭାର ତାଙ୍କୁ ସମର୍ପି ଯାଇଥିଲ। କିନ୍ତୁ ମାତାଙ୍କ ଆଗ୍ରହ ଆଗରେ ହାର ମାନିଯାଇ ଯେତେବେଳେ ସେ ତିନୋଟି ରେଖା ଟାଣି ତୁମ କଥା ଅମାନ୍ୟ କରି ବଣ ଭିତରକୁ ଯାଇଥିଲେ ସେତେବେଳେ ସଂପୂର୍ଣ୍ଣ ମାନବ ଇତିହାସରେ କଳଙ୍କ ଲାଗି ଯାଇଥିଲା ଏବଂ ପୁରା ରଘୁବଂଶ ସେହି କଳଙ୍କିତ ଅଧ୍ୟାୟର ସାମନା କରିଥିଲା। ଆଉ



ସେଇଥିପାଇଁ ତୁମ ଆଦେଶର ପୁନଃ ଅମାନ୍ୟ କରିବା ଦୁଃସାହସ ସେ କରି ନଥିଲେ। ନମ୍ରତା ସହିତ ଋଷି ଦୁର୍ବାସାଙ୍କୁ ସେ ମନା କରିଥିଲେ। କ୍ଷମା ମାଗିଥିଲେ। ଏଇଥର ତୁମ ଆଜ୍ଞାର ଅବମାନନା କରି କିଛି ବିପଦ ଆସୁ ଏକଥା ସେ କଦାପି ଚାହିଁ ନଥିଲେ। କିନ୍ତୁ ବିଧିର ବିଧାନ ଅଲଗା ପ୍ରକାର ଥିଲା। ତେଣୁ ବୋଧେ ଦୁର୍ବାସା କହିଥିଲେ ଯେ ଯଦି ତତକ୍ଷଣାତ୍ ତାଙ୍କୁ ଶ୍ରୀରାମ ଦର୍ଶନର ସୁଯୋଗ ମିଳିବନି ତେବେ ସେ ନିଜ ଅଭିଶାପ ଦ୍ୱାରା ଅଯୋଧ୍ୟା ଏବଂ ସ୍ୱୟଂ ଶ୍ରୀରାମଙ୍କୁ ଦଣ୍ଡ ବିଧାନ କରିବାକୁ ପଛେଇବେନି।

ଲକ୍ଷ୍ମଣ ଭୀତତ୍ରସ୍ତ ହୋଇ ପଡ଼ିଥିଲେ। ଏପଟେ ତୁମେ ପ୍ରତିଜ୍ଞା କରିଥିଲ ଯେ କେହି ଦ୍ୱାର ଖୋଲି ଭିତରକୁ ଆସିବ ତୁମ ସ୍ୱୟଂ ତାଙ୍କୁ ମୃତ୍ୟୁଦଣ୍ଡ ଦେବ ଏବଂ ଦୁର୍ବାସା ସେପଟେ ତୁରନ୍ତ ତାଙ୍କ ସନ୍ଦେଶ ଦେବାକୁ କହୁଥିଲେ ନଚେତ୍ ପ୍ରଳୟ ମାଡ଼ି ଆସିବ। ଋଷି ଅପମାନ ହେବ। ନିଜ ମନକୁ ଦୃଢ଼ କରି ଲକ୍ଷ୍ମଣ ତୁମ ନିଭୃତ କକ୍ଷ ଭିତରକୁ ପ୍ରବେଶ କରିଥିଲେ।

ପାଦତଳୁ ମାଟି ଖସିଗଲା ପରି ଲାଗିଥିଲା। ଲକ୍ଷ୍ମଣଙ୍କ ଆଗମନ ମାତ୍ରେ କାଳ ଉଭାନ ହୋଇ ଯାଇଥିଲେ। ନିଜ ବଚନ ରକ୍ଷା କରିବା ସତ୍ୟତାକୁ ଗ୍ରହଣ କରିବା ସାମର୍ଥ୍ୟ ତୁମର ନଥିଲା ପରି ମନେ ହେଉଥିଲା। ଲକ୍ଷ୍ମଣ ଜାଣି ସାରିଥିଲେ ତାଙ୍କର ପରିଣତି। ହେଲେ ରାଜାଜ୍ଞା ବିନା ସେ ବା କଣ କରି ପାରନ୍ତେ...!! ତୁମେ ବିବଶ ଥିଲ। ଜାଣିଥିଲ ଯେ କାଳର କରାଳ ଗତିରେ ସବୁକିଛି ଲୀନ କରିବାକୁ ହିଁ ପଡ଼ିବ। ଆଉ ଏଇଥିପାଇଁ ଏମିତି ସବୁ ଘଟସୂତ୍ର କରିବା ନିତାନ୍ତ ଆବଶ୍ୟକ। ନିଜେ ଶେଷନାଗ ମୁକ୍ତ ନ ହେଲେ ତୁମର ଅବତାର ସମାପ୍ତ ହୋଇ ପାରିବନି।

ଶେଷରେ ନିଷ୍ପତ୍ତି ନେବାକୁ ହେଲା ତୁମକୁ...!!

♥ ଭୁବନେଶ୍ୱର,
(ମୋ) ୯୪୩୮୪୭୦୮୦୭

---

ଗୋଟେ କବିତା ବହିର ଆଲୋଚନା

# ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀଙ୍କ "ନଦୀର ନାମ ଚିତ୍ରୋତ୍ପଳା"



## ସୈରିନ୍ଧ୍ରୀ ସାହୁ

"ହୃଦୟର ଗଭୀର ଅନୁଭବ ଯାହାକୁ କେବେ କାହା ଆଗରେ ପ୍ରକାଶ କରି ହୁଏନି କି କାହା ସହିତ ଭାଗ କରି ହୁଏନି, ମନ ସିନ୍ଦୁକରେ ସାଇତା ବ୍ୟଥା, ବେଦନା, ଯନ୍ତ୍ରଣା, ଗ୍ଳାନି, ଅପ୍ରାପ୍ତି, ଅପମାନ ଯାହା କେବେ କାହା ଆଗରେ କହି ହୁଏନି ସେଇସବୁ ମାର୍ମିକ ଅନୁଭୂତି ଏବଂ ଅନ୍ତର୍ଦାହ ଗୁଡ଼ିକୁ ଶବ୍ଦର ସଜଫୁଲରେ ସଜେଇ କବିତାର ମାଳାଟିଏ ଗୁନ୍ଥିବା ପାଇଁ ମୁଁ ପ୍ରୟାସ କରିଛି! ବୋଲି 'ପଦେ-ଅଧେ' ଶୀର୍ଷକରେ କଥା ରଖିଛନ୍ତି କବି ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ ।

କବିତା ଏମିତି ହିଁ। ଦୁଃଖରେ ଆସେ, ସୁଖରେ ଆସେ। ମାନରେ ଆସେ, ଅଭିମାନରେ ଆସେ। ପ୍ରାପ୍ତିରେ ଆସେ, ଅପ୍ରାପ୍ତିରେ ଆସେ । କିନ୍ତୁ ଆସିବା ଅବଧାରିତ। ଯିଏ ଧରି ପାରିଲା ସିଏ ତାକୁ ମୁକ୍ତି ଦିଏ ସମସ୍ତ ପୀଡ଼ାରୁ। ସମକାଳୀନ ଓଡ଼ିଆ କବିତା ଧାରାରେ କବୀ ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ ଜଣେ ସମ୍ଭାବନାମୟୀ କାବ୍ୟସ୍ୱର । ପ୍ରକୃତି, ଈଶ୍ୱରୀୟ ପ୍ରେମ ଓ ମାନବବାଦୀ ଚିନ୍ତା ଚେତନାରେ ଜୁଡୁବୁଡୁ ତାଙ୍କ କାବ୍ୟସ୍ୱର । ଆବେଗ, ଅନୁରାଗ ସହିତ ସେ ଖଂଜିଛନ୍ତି ତାଙ୍କର ଶବ୍ଦ ସମୂହ । 'ଶବ୍ଦର ସ୍ୱରରୁ ଆରମ୍ଭ ହୋଇ 'ଚା' ବିକାଳି' ପାଖରେ ସରିଛି ନଦୀର ନାମ ଚିତ୍ରୋତ୍ପଳାର ଯାତ୍ରା।

'ବନ୍ଧୁ କେବେ ଶୁଣିଛ ସେ ଆହ୍ଲାଦିତ ଡାକ
କେତେ ମଧୁରତା କେତେ
ଆତ୍ମୀୟତା ଭରିଥାଏ
ସେ ଡାକରେ, ସେ ଡାକ ଶୁଣି ନଦୀମାନେ
ବହୁଥାନ୍ତି କୁଳୁକୁଳୁ ଗାଇ ଗାଇ
ଜୀବନ ସଂଗୀତ
ପ୍ରଭାକର ପ୍ରକାଶରେ ଧାରା ଉଭାସିତ
ସୁଧାକର ସୁଧା ରସେ ପଦ୍ମ ବିମୋହିତ ।
(ସତ୍ୟର ସ୍ୱର)

କବି ଚିରକାଳ ଭଲପାଏ ଆକାଶକୁ, ପୃଥିବୀକୁ । କାନେଇ ଥାଏ ଶୁଣିବାକୁ କୋଇଲିକୁ ପବନକୁ । ଭଲ ପାଇବାର ଅସୀମିତ କଣିକାରେ କବି ହୁଏ ଉବୁଟୁବୁ । କେବେ ଧାଏଁ ମାୟା ମୃଗ ପଛରେ ତ କେବେ ଉଦାସୀ ମୁହୂର୍ତ୍ତ ଭିତରୁ ଜୀବନବୋଧକୁ । ମାନେନାହିଁ ଅଙ୍କାବଙ୍କା କଣ୍ଟକିତ ପଥ, ଦେଖେନାହିଁ ଅଂଧାର କି ନିଘଞ୍ଚ ଜଂଗଲ । ତାକୁ କେବଳ ଦୃଶ୍ୟମାନ ହେଉଥାଏ ସୁନାରଂଗୀ ମୃଗଟିଏ, ଯିଏ ହୃଦୟର ନିଭୃତ କୋଣରେ ଥାଇ ଗାଉଥାଏ କୋଇଲିର ସ୍ୱର ସହ ସ୍ୱର ମିଳେଇ ଜୀବନ ସଂଗୀତ। କେବେ ମେଘ ମଲ୍ଲାର, କେବେ ମିଳନର ସାହାନାଇ, କେବେ ଚୈତ୍ରର ଚଇତାଳି, କେବେ ଆକାଶର ଭସା ମେଘ ନହେଲେ ଇନ୍ଦ୍ରଧନୁର ସାତରଂଗରେ ଭରା ମନର ଅଗଣା; ସବୁଠି ଥାଏ ପ୍ରେମର ଛିଟା । ଜୀବନକୁ ଭଲପାଏ ବୋଲି କବି ହିଁ ଗାଇପାରେ-

ଜୀବନକୁ ଭଲପାଏ ବୋଲି
ଜିଇଛି ମୁଁ ମୁହୂର୍ତ୍ତ ମାନଙ୍କ ହାତଧରି
ସମୟର ଅନନ୍ତ ଛାତିରେ, କୁଟାଖିଏ ପରି
+ + + + +
ଜୀବନକୁ ଭଲପାଏ ବୋଲି
ଚଲାବାଟେ ଫୁଟୁଥିବା କଣ୍ଟାସବୁ
ପାଦରେ ଆଡ଼େଇ, ଜାଣି ନ ଜାଣିଲା ପରି
+ + + + +
ଜୀବନକୁ ଭଲପାଏ ବୋଲି
ଅଦୃଷ୍ଟକୁ ଅଂଗୀକାର କରି
ଅନେକ ଅଚିହ୍ନା ସକାଳରେ ଗୁମୁରି ଗୁମୁରି
କାୟା ଭଳି ନିଜକୁ ବୋଧ ଦେଇଛି...
(ଜୀବନକୁ ଭଲପାଏ ବୋଲି)

ଜୀବନକୁ ଗଣିତ କରେ କବି, ଅଥଚ ଜାଣିଥାଏ ଶୂନ୍ୟରେ ମିଳେଇ ଯିବ ସବୁକିଛି ସମୟ ପ୍ରବାହରେ। ସରିଯିବ ଅଭିନୟ । ସବୁଶେଷରେ ମିଳିବ ସେଇ ଶୂନ୍ୟ, ସବୁ ଭାଜ୍ୟ, ଭାଜକ, ଭାଗଫଳ ପରିଶେଷରେ ଭାଗଶେଷ ହୋଇ ।

କବି ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀଙ୍କ 'ନଦୀର ନାମ ଚିତ୍ରୋତ୍ପଳା'ରେ ରହିଛି ସତସ୍ତରୀଟି କବିତା। ସୁନ୍ଦର ସୁନ୍ଦର ଶୀର୍ଷକରେ ନିଜ ଭାବନାକୁ ରୂପ ଦେବାରେ ତାଙ୍କର ଚେଷ୍ଟା ଅସଫଳ ହୋଇ ନାହିଁ। କେତେବେଳେ ଜହ୍ନରେ ନାଁ ଲେଖିଛନ୍ତି ତ କେତେବେଳେ ଖୋଳପା ଭିତରୁ ବାହାରି ଆସି ନୂଆ କାହାଣୀ ଲେଖିବାର ଅଂଗୀକାର ବି କରିଛନ୍ତି। ବାଲିଘର ତୋଳୁ ତୋଳୁ ଦୃଶ୍ୟମାନ ହୁଏ ମୁଠାମୁଠା ଆଶାର ଆଲୋକ, ବଂଶୀର ସ୍ୱରଟିଏ ଶୁଭେ ତାଙ୍କୁ ମୋହଗ୍ରସ୍ତ, ମାୟା ଗ୍ରସ୍ତ ସଂସାର ଭିତରେ । ମାୟାଧରଙ୍କ ଭରସାରେ ସେ ପାରିହେବାର ଆଶା ବାନ୍ଧିଛନ୍ତି ଏ କୂଳରୁ ସେ କୂଳକୁ । ସ୍ମୃତିକୁ ରୂପାଜହ୍ନ କରି ପାରି ହେଇଛନ୍ତି ସମସ୍ତ ଅସଂଲଗ୍ନ ମୁହୂର୍ତ୍ତମାନଙ୍କୁ ।

ନିଜ ଗାଁ ନଈର ନାମ ଚିତ୍ରୋତ୍ପଳା ନାଁରେ ବହିଟି ନାମକରଣ କରି କବି କାନିରେ ଗଣ୍ଠି କରିଦେଇଛନ୍ତି ତାଙ୍କ ପିଲାଦିନକୁ । ଯୋଉ ନଦୀର ଜଳ ସ୍ନେହଶୀଳା, ଯୋଉ ନଦୀରେ ପ୍ରତିବିମ୍ବିତ ହୁଏ ଖଣ୍ଡ ଖଣ୍ଡ ଭସାବାଦଲ, ଯୋଉଠି କଟିଛି




କବୀଙ୍କ ଶରତର ଶୁଭ୍ର ଅପରାହ୍ନ, ଯୋଉଠି ପାଣିରେ ବୁଡ଼ି, ବାଲିରେ ଗଡ଼ି ହଜିଯାଇଛନ୍ତି ଗେଣ୍ଡା ଶାମୁକା ଖୋଜିବା ଭିତରେ, ତାହାହିଁ ସଜଳ, ସ୍ୱପ୍ନିଳ କବିଙ୍କ ସ୍ମୃତିରେ ।

କବି ସ୍ୱର୍ଣ୍ଣମୟୀଙ୍କ ଏଇଟି ପ୍ରଥମ ସଂକଳନ ହୋଇଥିଲେ ମଧ୍ୟ ବେଶ୍ ସ୍ୱଚ୍ଛ । ପ୍ରାଞ୍ଜଳ ଭାବେ ସେ ପ୍ରକଟ କରିଛନ୍ତି ନିଜର ମନୋଭାବ । ତେବେ କବିତା ସଜାଣ ବେଳେ କବୀ ଆଉଟିକେ ମନନଶୀଳ ହେବାର ଆବଶ୍ୟକତା ଥିଲା । ନିଜର ବାପା ବୋଉଙ୍କୁ ଉତ୍ସର୍ଗ କରିଥିବା 'ନଦୀର ନାମ ଚିତ୍ରୋତ୍ପଳା' ପୁସ୍ତକଟିକୁ ବେଶ୍ ପରିଚ୍ଛନ୍ନ ଓ ସୁଦୃଶ୍ୟ ପରିପାଟୀରେ ପ୍ରକାଶ କରିଛନ୍ତି ବନଫୁଲ ପ୍ରକାଶନୀ ସଂସ୍ଥା । ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କ ପ୍ରଚ୍ଛଦଟି ଅତୀବ ସୁନ୍ଦର ଓ ପ୍ରାଣସ୍ପର୍ଶୀ ହୋଇଛି । କବି ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରୁଛି । ପୁସ୍ତକଟି କବିତା ପ୍ରେମୀଙ୍କୁ ଆକର୍ଷିତ କରିବ ନିଶ୍ଚୟ ।

♥ ଜେଲରୋଡ, ବାଲେଶ୍ୱର-୧

---

# ଦିବ୍ୟ ଚେତନାର ଅନନ୍ୟ କବି ଦୀନକୃଷ୍ଣ



## କାଳିକିଙ୍କର ଦାସ

ରୀତି ଯୁଗର ଅନ୍ୟତମ ଶ୍ରେଷ୍ଠ ସ୍ରଷ୍ଟା ହେଲେ ଭକ୍ତି ଓ ମାନବୀୟ ମୁଲ୍ୟବୋଧର କବି ଦୀନକୃଷ୍ଣ ଦାସ । ତାଙ୍କର କବିତାରେ ସେ ସବୁବେଳେ ରସ ଅର୍ଥାତ ସତ୍ୟ ଓ ସରଳତାକୁ ଆପଣେଇଛନ୍ତି । ଅନେକେ ସମାଲୋଚକ କବି ଦୀନକୃଷ୍ଣଙ୍କୁ କେବଳ ଜଣେ ସ୍ୱପ୍ନବିଳାସୀ କବି ବୋଲି ଭାବନ୍ତି । ସେମାନେ କହନ୍ତି ଯେ କବି କହନ୍ତି ଯେ ଆସ୍ଥା ଓ ବିଶ୍ୱାସର ତେଜୋଦୀପ୍ତ ମନ ହିଁ ବିଜ୍ଞାନ । ତେବେ ଏକଥା ସ୍ୱୀକାର କରିବାକୁ ପଡିବ ଯେ ଯଦି କବିତା ପଠନମାତ୍ରେ ଏକ ସନ୍ତୋଷ ଆମ ମନ ଓ ହୃଦୟକୁ ଆପ୍ଲୁତ ନ କରେ ତେବେ ସେ କବିତା କେବେ ଶାଶ୍ୱତ ବା ଚିରନ୍ତନ ହୋଇ ନପାରେ । ପ୍ରସିଦ୍ଧ ଇଂରାଜୀ ଲେଖକ କଲରିଜ ବାସ୍ତବରେ କହି ଯାଇଛନ୍ତି ଯେ **poetry is the antithesis of science having for immediate effect pleasure, not truth.** କିନ୍ତୁ ଯଦି ଆମେ ଦୀନକୃଷ୍ଣଙ୍କର କବିତାର ଅନ୍ତଃସ୍ୱରକୁ ବୁଝିବା ତାହାଲେ ତାଙ୍କର ପ୍ରତ୍ୟେକ ଶବ୍ଦ ଓ ପଦରେ ସତ୍ୟ ଓ ସୁନ୍ଦରତାକୁ ସହଜରେ ଅନୁଭବ କରିହେବ । ଜୟଦେବଙ୍କର ଗୀତ ଗୋବିନ୍ଦ ଯେମିତି ବିଭୁ ପ୍ରେମ ଓ ସତ୍ୟପ୍ରତି ସମର୍ପଣର ଅନନ୍ୟ ନିଦର୍ଶନ ସେମିତି ଅନୁଭବ ହୁଏ କବି ଦୀନକୃଷ୍ଣଙ୍କର ପ୍ରତ୍ୟେକ କବିତାରେ।

କବିବର ରାଧାନାଥ ରାୟ ସ୍ୱୀକାର କରିଛନ୍ତି ଯେ ଆଧୁନିକ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ନିକଟ ମୁଣ୍ଡୁତୁଣିଆଠାରେ ଜନ୍ମିତ ଏହି କବି ମହାକବି ଜୟଦେବଙ୍କ ସହ ତୁଳନୀୟ। ତାଙ୍କର ରସକଲ୍ଲୋଳ, ରସବିନୋଦ, ଆର୍ତ୍ତତ୍ରାଣ ଚଉତିଶା, ଜଗମୋହନ ଛାନ୍ଦ, ପ୍ରସ୍ତାବ ସିନ୍ଧୁ ଓ ନାମରତ୍ନ ଗୀତା ଆଦିକୁ ଆଲୋଚନା କଲେ ବିସ୍ମିତ ହେବାକୁ ହୁଏ ଯେ ପ୍ରାଚୀନ ଭାରତରେ ଭାରତର ଜନମାନସକୁ ଯଥାର୍ଥରେ ଆକଳନ କରି କବିତା ଜଣେ କବିତା ଲେଖିଥିଲେ। ଭକ୍ତିରସରେ ସେ ଯେଉଁ ସୃଷ୍ଟି କରିଯାଇଛନ୍ତି ତାହା ତାଙ୍କୁ ଜୟଦେବ ଚେତନା ଭିତରକୁ ନେଇଯାଇଛି । କବିବର ରାଧାନାଥ ତାଙ୍କର ଏକ ବଙ୍ଗଳା ଭାଷାରେ ଲିଖିତ କବିତାରେ ଏହା ସ୍ପଷ୍ଟ କରିଛନ୍ତି ।

ଉତ୍କଳୀୟ ଜୟଦେବ ଦୀନକୃଷ୍ଣ କବି
ସୁଧନ୍ୟ ଭକତ ଜନଗଣ ଚୁଡାମଣି
ଚିତ୍ରକର ! ଚିତ୍ରିୟାଛ ଯେ ସୁଚାରୁ ଛବି
ସ୍ମରିବେ ଏ ଦାସ ତାହା ଦିବସ ରଜନୀ
ଦୀନ ତୁମି ବଲ ତବେ ସୁବର୍ଣ୍ଣ ବରଣ
କେ ତୋମା ଯୋଗାଲ କାର ନିକଟ ହଇତେ
(ସାମାନ୍ୟ ଶିକ୍ଷକ ନାହିଁ ହବେ ସେଇ ଜନ)
ଶିଖିଲେ ହେ ଭାଗ୍ୟବାନ ତୁଲିକା ଧରିତେ
ଧନହୀନ ତୁମି ଯଦି ହେ କବି କେଶରୀ
କୋଥାହତେ ପେଲେ ହେନ
ମନୋଜ୍ଞ ଭାଷଣ ?
କେ ତୋମାୟ ଦିଲ, ବଲ ହେନ ସୁର ସମ
ହେନ ବୀଣା ମିଷ୍ଟ ଯେନ ମୁରାରୀ ବାଁଶରୀ ?
ପ୍ରସବେ ଯେମିନି ଫଲ ଚାରୁ ଶତଦଲ
ତୁମର ଜନନୀ କବି ! ତେମନି ଉତ୍କଳ ।

ବାସ୍ତବରେ ରୀତି ଯୁଗର ଯେତେଜଣ କବି ତାଙ୍କର କବିତାରେ ଏ ଉତ୍କଳର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି ସେମାନଙ୍କ ମଧ୍ୟରେ ଦୀନକୃଷ୍ଣ ଥିଲେ ସ୍ୱତନ୍ତ୍ର ।

ଆଧୁନିକ ଉତ୍ତର ଓଡ଼ିଶାର ସୁବର୍ଣ୍ଣରେଖା କୂଳ ଜଳେଶ୍ୱର ନିକଟ ମୁଣ୍ଡୁତୁଣିଆରେ ରାଜୁ ବା ରାଜପୁତ୍ର କୋଳରେ ସେ ଜନ୍ମଗ୍ରହଣ କରିଥିଲେ କିନ୍ତୁ ତାଙ୍କର ଗାଁ ଓ ଅଞ୍ଚଳରେ ଶ୍ରୀଚୈତନ୍ୟ ଦେବ ପ୍ରସାରିତ ବୈଷ୍ଣବ ଧର୍ମର ଦୀକ୍ଷିତ ହେଉଥିବାରୁ ଦୀନକୃଷ୍ଣ ମଧ୍ୟ ବୈଷ୍ଣବ ହୋଇଥିଲେ । ତାଙ୍କ ଜନ୍ମସ୍ଥାନ ସମ୍ପର୍କରେ କବି ଦୀନକୃଷ୍ଣ ସ୍ପଷ୍ଟ କହି ଯାଇଛନ୍ତି-

ପୂର୍ବ ବାସନା ଆଦି ମୂଳ
ଜନମ ରାଜପୁତ୍ର କୋଳ
ସୁବର୍ଣ୍ଣରେଖା ନଦୀ କୂଳ
କଟକ ନାମ ଜଳେଶ୍ୱର ।

ରୀତି ଯୁଗର ଏହି ମହାନ କବିଙ୍କୁ କେହି କେହି ପୁରୀ ନିବାସୀ ବୋଲି କହନ୍ତି । ଏମିତି କି ତାଙ୍କ ଜନ୍ମକୁ ନେଇ କୁତ୍ସାରଟନା କରିଛନ୍ତି ଯାହା ସମ୍ପୂର୍ଣ୍ଣ ଅମୁଳକ। ହୁଏତ ସେ ଦୀନକୃଷ୍ଣ ପୁରୀ ନିବାସୀ ହୋଇଥାଇପାରନ୍ତି କିନ୍ତୁ ରୀତିଯୁଗର କବି ଦୀନକୃଷ୍ଣ ଜଳେଶ୍ୱରର। ଆଲୋଚକମାନେ ପୁରୀର ଦୀନକୃଷ୍ଣଙ୍କ ମାଆଙ୍କୁ ଦେବଦାସୀଙ୍କର ସନ୍ତାନ ବୋଲି କୁହନ୍ତି । ତେବେ ଦେବଦାସୀଙ୍କର ସ୍ୱାମୀ ହେଲେ ସ୍ୱୟଂ ଶ୍ରୀଜଗନ୍ନାଥ । ତେଣୁ ଦୀନକୃଷ୍ଣଙ୍କୁ ବା ତାଙ୍କ ମାଆଙ୍କୁ ନିନ୍ଦିତ କରିବା ଏକ ଦୈବୀ ଅପରାଧ ବୋଲି କୁହାଯାଇପାରେ।

ସେ ଯାହାହେଉ, କବି ଦୀନକୃଷ୍ଣଙ୍କର କବିତା ଏଡ଼େ ସୁନ୍ଦର ଓ ସୁଲଳିତ ସୃଷ୍ଟି ଯେ ତାହା ଯୁଗେ ଯୁଗେ ତାଙ୍କୁ ଅମର କରି ରଖିଛି । ପ୍ରସିଦ୍ଧ ଇଂରାଜୀ ଲେଖକ ଏଡ଼ଗର ଆଲାନ ପୋପ ବାସ୍ତବରେ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି ଯାହା କବି ଦୀନକୃଷ୍ଣଙ୍କ କବିତା ସମ୍ପର୍କରେ ପ୍ରଯୋଜ୍ୟ। ଏଡ଼ଗର କହିଥିଲେ- **It is the rhythmic creation of beauty.** ସେହି ସୁଲଳିତ ଛନ୍ଦମୟ କବିତା ଦୀନକୃଷ୍ଣଙ୍କର କବିତାକୁ ମହାନ ଓ ସ୍ୱତନ୍ତ୍ର ସ୍ଥାନ ଦେଇଛି । ଏକଥା ସତ ଯେ ଯେଉଁ ସାହିତ୍ୟରେ ରସନାହିଁ ସେ ସାହିତ୍ୟ କାଳର ବକ୍ଷରେ ଅମଳିନ ହୋଇ ରହିପାରେ ନାହିଁ । ରାଜା ଭୋଜରାଜଙ୍କର ସରସ୍ୱତୀ କଣ୍ଠ ଭରଣରେ ମଧ୍ୟ ଏହାର ପ୍ରମାଣ ମିଳେ-

ଶୃଙ୍ଗାରୀ ଚେତ କବି କାବ୍ୟ ଜାତମ
ରସମୟମ ଜଗତ
ସା ଏବ ଚେଦ ଶୃଙ୍ଗାରୀ ନିରସନ
ସର୍ବମେବ ତତ୍ ।

କବି ଦୀନକୃଷ୍ଣ ଥିଲେ ଶ୍ରୀକୃଷ୍ଣ ବା ଶ୍ରୀବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କ ପ୍ରତି ସର୍ବଦା ଉନ୍ମୁଖ ବା ଚରଣଆଶ୍ରିତ । ଶ୍ରୀକ୍ଷେତ୍ର ପୁରୀରେ ଯାଇ ରହିବାକୁ ଚାହୁଁଥିଲେ ଦୀନକୃଷ୍ଣ । ସେ ଦୀର୍ଘପଥ ଅତିକ୍ରମ କରି ପୁରୀରେ ପହଂଚିଲେ । ସେଠାରେ ରହି ପ୍ରଭୁଙ୍କ ଉଦ୍ଦେଶ୍ୟରେ ରଚନା କଲେ ଅନେକ କାବ୍ୟ ଓ କବିତା । ତାଙ୍କର ଏହି ସୁଲଳିତ କାବ୍ୟରସର ସମ୍ବାଦ ପୁରୀ ନରପତିଙ୍କ ପାଖରେ ପହଞ୍ଚିଲା । ସେ ତାଙ୍କୁ ତାଙ୍କର ରାଜକବି କରିବାର ଇଚ୍ଛା ପୋଷଣ କଲେ ଓ ତାଙ୍କୁ ଡାକି କହିଲେ ହେ କବି, ମୁଁ ଆପଣଙ୍କୁ ପ୍ରଚୁର ଧନ, ସମ୍ପଦ, ପ୍ରାସାଦ ଆଦି ପ୍ରଦାନ କରିବି ତେବେ ଆପଣ ମୋ ପାଇଁ କବିତା ଲେଖନ୍ତୁ- ମୋତେ ଆନନ୍ଦ ମିଳିବ । ଦୀନକୃଷ୍ଣ କହିଲେ ମୁଁ କେବଳ ମୋର ପ୍ରଭୁଙ୍କ ଉଦ୍ଦେଶ୍ୟରେ ଲେଖିବି ଆପଣଙ୍କ ପାଇଁ ଲେଖିପାରିବି ନାହିଁ କାରଣ ଆପଣ ମୋର ପ୍ରଭୁ ନୁହଁନ୍ତି । ରାଜାଙ୍କୁ ଦୀନକୃଷ୍ଣଙ୍କର ଏ ଉତ୍ତର ଆଦୌ ଭଲ ଲାଗିଲା ନାହିଁ, ସେ ଅପମାନ ଅନୁଭବ କଲେ । ଯାହା ଫଳରେ ରାଜା ତାଙ୍କୁ ଅବିଳମ୍ବେ ପୁରୀ ଛାଡି ଚାଲିଯିବାକୁ ଆଦେଶ ଦେଲେ । କବି ଦୀନକୃଷ୍ଣ ଏ ସମ୍ପର୍କରେ ଉଲ୍ଲେଖ କରିଯାଇଛନ୍ତି ।

କବି ଯା କରେ ମୂର୍ଖକୁ ସ୍ତୁତି
ଏଥିରୁ ବଡ଼ ନାହିଁ ବିପତ୍ତି ।
ବୋଇଲେ ଶୁଣ ନୃପନାଥ
କେବଳ ଦେବ ଜଗନ୍ନାଥ
ଏ ପିଣ୍ଡି ବିକି ଅଛି ତାରେ
ଗୀତ ମୁଁ ନ ବୋଲେ ଆନରେ ।
ମୋ ନାମ ଭଣିଲେ ଅବଶ୍ୟ
ଅନେକ ଦେବି ଗ୍ରାମ ଦେଶ
ମୋ ରାଜ୍ୟେ ଦେବି ଅଧିକାର
ଦେଖ ମୁଁ ଜଗତ ଈଶ୍ୱର
ନୋହିଲେ ମରିବୁ ଅବଶ୍ୟ
ଛାଡ଼ ତୋ ଜୀବନର ଆଶ

ରାଜାଙ୍କର ଧମକର ଜବାବ ମଧ୍ୟ ଦେଇଛନ୍ତି ଦୀନକୃଷ୍ଣ ଯାହା ଅନ୍ୟ କବିଙ୍କ ପାଖରେ ଦେଖାଯାଇ ନାହିଁ । ସେ ଉତ୍ତରରେ କହିଛନ୍ତି-

ତୁମ୍ଭଙ୍କୁ ମୋର ନାହିଁ ଡର
ମୋ ପ୍ରଭୁ ବଳେ ବଳିୟାର
ଜଗତ ସୃଷ୍ଟି ଆନ ହେଲେ
ଗୀତ ମୁଁ ଆନକୁ ନ ବୋଲେ ।

ପରିଣାମ ସ୍ୱରୂପ କବି ଦୀନକୃଷ୍ଣଙ୍କୁ ପୁରୀ ଛାଡିବାକୁ ପଡିଲା । ଅବଶ୍ୟ ତାଙ୍କୁ ଏଥିପାଇଁ ଗଭୀର ଅବଶୋଷ ହୋଇଥିଲା । ହେବା ମଧ୍ୟ ସ୍ୱାଭାବିକ କାରଣ ପ୍ରଭୁଙ୍କ ପ୍ରତି ସମର୍ପିତ ଭକ୍ତ ଏମିତି ଦଣ୍ଡ ପାଇଲେ ବ୍ୟଥିତ ହେବା ନିଶ୍ଚିତ । ସେ ଲେଖିଛନ୍ତି-

କରିଥିଲା ଆଶ ସେ କ୍ଷେତ୍ରେ
ନିବାସ କରିବାକୁ ଦୀନକୃଷ୍ଣ
କି ଅଭାଗୁଁ ତହିଁ ନ ପାରିଲା ରହି
ପ୍ରଭୁ ନୋହିଲେ ସତୃଷ୍ଣ ।
କର୍ମେ ଥିଲା ଯାହା ଭୋଗ କଲେ
ତାହା କେ ତାହା କରିବ ଆନ
କରମ କରତା କଇବଲ୍ୟ ଦାତା
ଯେବେ ନୋହିଲେ ପ୍ରସନ୍ନ ।

ତେବେ କବି ଦୀନକୃଷ୍ଣଙ୍କର ଅନ୍ତର୍ଦୃଷ୍ଟି ଥିଲା ଅତ୍ୟନ୍ତ ଗଭୀର । ତାଙ୍କ ଭିତରେ ପ୍ରଭାତର ଆଲୋକ ବା କୁସୁମର ବିକାଶ ପରି ଆତ୍ମାନୁଭୂତି



ଥିଲା ଖୁବ ଉଜ୍ଜ୍ୱଳ । ସେ ଥିଲେ ସ୍ଥିତପ୍ରଜ୍ଞ । କବିତ୍ୱ ଥିଲା ତାଙ୍କର ଅନନ୍ୟ ଶକ୍ତି । ସେ କହନ୍ତି- କବିତ୍ୱ ରସ ଉତ୍ତମ ଗୋକ୍ଷୀର- କବିତ୍ୱ ଶାନ୍ତି ଜଳ ଏକାକାର । ତେଣୁ ଏମିତି କବିଙ୍କୁ ଅବା କିଏ ପରାଜିତ କରିପାରିବ । କୁହାଯାଏ ସେ ପୁରୀ ଛାଡ଼ିଲାପରେ ତାଙ୍କୁ କିଏ ବାଟ କଢ଼େଇ ବ୍ରାହ୍ମଣୀ ନଈ କୂଳକୁ ନେଇଗଲେ । ସେଇଠି ସେ ଏକାନ୍ତରେ ବସବାସ କରିବାକୁ ଲାଗିଲେ। କବିଙ୍କୁ ସେଠାରେ ସ୍ୱୟଂ ଶଙ୍କର ଓ ବିଷ୍ଣୁ ଆସି ଦର୍ଶନ ଦେଇ କହିଲେ ତୁମେ ଆମପାଇଁ ଲେଖିଚାଲ । ଆମେ ପ୍ରତ୍ୟହ ଆସି ଏହି ଏକାନ୍ତ ଘରେ ତୁମ କବିତା ଓ ଗୀତ ଶୁଣିବୁ। କୁହାଯାଏ ଯେ କବି ଯେଉଁସ୍ଥାନରେ ତାଙ୍କର ଶେଷ ଜୀବନ ବିତାଇ ଥିଲେ ସେ ସ୍ଥାନକୁ ଏକ ଘରିଆ ବୋଲି କୁହାଯାଇଛି । ସେଠାରେ ସେ ପ୍ରସ୍ତାବ ସିନ୍ଧୁ ଓ ନାମରତ୍ନ ଗୀତା ରଚନା କରିଥିଲେ । କବି ନିଜେ କହିଛନ୍ତି-

ଏ ଗ୍ରନ୍ଥ ଯୋଡିବାର ବେଳେ
ଘର ବ୍ରାହ୍ମଣୀ ନଦୀ କୂଳେ
କନକେଶ୍ୱର ଲିଙ୍ଗ ପାଶ
ଏକ ଘରିଆ ମୋର ଦେଶ ।

କବି ଦୀନକୃଷ୍ଣ ଯେଉଁ ସ୍ଥାନରେ ରହିଲେ ସେ ସ୍ଥାନ କାଳକ୍ରମେ ସତେ ଯେମିତି ନୀଳକନ୍ଦର ପାଲଟି ଗଲା । ସେଇଠି ସେ ଅପୂର୍ବ ଆନନ୍ଦ ମହାପ୍ରଭୁଙ୍କ କରୁଣାରୁ ଲାଭ କଲେ । ତେଣୁ ସେ ସ୍ଥାନ ଛାଡି ସେ ପୁଣି ଶ୍ରୀକ୍ଷେତ୍ର ଯିବାକୁ ଚାହିଁ ନ ଥିଲେ ଯଦିଓବା ରାଜା ତାଙ୍କୁ ତାଙ୍କର ଭୁଲ ବୁଝିପାରି ଫେରି ଆସି ଶ୍ରୀକ୍ଷେତ୍ରରେ ରହିବାକୁ ଅନୁରୋଧ କରିଥିଲେ । ଦୀନକୃଷ୍ଣ ଲେଖିଲେ-

ଶ୍ରୀ ନୀଳକନ୍ଦର ମୋର ସବୁଦିନ ବସା
ଆନ କ୍ଷେତ୍ରମାନଙ୍କୁ ନ ଥାଇ ମୋର ଆଶା ।

ରସ କଲ୍ଲୋଳ, ରସ ବିନୋଦ ଆଦି ଗ୍ରନ୍ଥ ବ୍ୟତୀତ ପ୍ରସ୍ତାବ ସିନ୍ଧୁ ଓ ନାମ ରତ୍ନ ଗୀତା କବି ଦୀନକୃଷ୍ଣଙ୍କର ଅନନ୍ୟ ସୃଷ୍ଟି ଯେଉଁଥିରେ ସେ ମୂଲ୍ୟବାନ ଉପଦେଶ ଦେଇ ଯାଇଛନ୍ତି।

ବାସ୍ତବିକ କବି ଦୀନକୃଷ୍ଣ ଥିଲେ ଦିବ୍ୟ ଚିନ୍ତା ଚେତନାର ଅନନ୍ୟ କବି ।

♥ ବିଶ୍ୱଶ୍ରୀ ପ୍ରେସ, ଫକୀରମୋହନ କଲେଜ ରୋଡ଼,
ବାଲେଶ୍ୱର-୭୫୬୦୦୧

# ବିଜେପିର ଜିଲ୍ଲା ସାଂଗଠନିକ ବୈଠକ




ବାଲେଶ୍ୱର, ୨୫/୪ (ନି. ପ୍ର) :ବାଲେଶ୍ୱର ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଆଜି ଖାନନଗର ସ୍ଥିତ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଏକ ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଜିଲ୍ଲାର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ଆଲୋଚନା କରିଥିଲେ। ୨୮-୦୪-୨୬ ତାରିଖରେ ଜିଲ୍ଲାରେ ହେବାକୁ ଥିବା ମହିଳା ଆକ୍ରୋଶ ସମାବେଶକୁ ସଫଳ କରିବା ପାଇଁ ବିଶେଷ ରଣନୀତି ପ୍ରସ୍ତୁତ କରାଯାଇଥିଲା। ମଣ୍ଡଳ ପ୍ରଶିକ୍ଷଣ ଶିବିର ଓ ମନ କି ବାତ୍ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହାସହିତ ଅନ୍ୟାନ୍ୟ ସାଂଗଠନିକ କାର୍ଯ୍ୟ ବିସ୍ତାର ପାଇଁ ସଭାପତି ଶ୍ରୀଯୁକ୍ତ ବେହେରା କହିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ପରିଚାଳନା କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ମମତା ମହାପାତ୍ର ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶିପ୍ରାରେଖା ମହାପାତ୍ର ମଞ୍ଚାସୀନ ଥିଲେ।

# ଶ୍ରୀରାମଚନ୍ଦ୍ର ଭଞ୍ଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ୍ସ ସଚେତନତା କାର୍ଯ୍ୟକ୍ରମ




ବେତନଟୀ,୨୫/୪ (ନି.ପ୍ର) : ବେତନଟୀ ଥାନା ଅଧୀନ ରାଙ୍ଗ୍ଧା ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଯୁଥ ରେଡ଼କ୍ରସ ଶାଖା ଓ ରେଡ ରିବନ କ୍ଲବ ତରଫରୁ ଅଧ୍ୟକ୍ଷ ଅନନ୍ତ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ କୃଷ୍ଣଚନ୍ଦ୍ର ପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡ଼ଃ ମହେଶ୍ୱର ମାଝୀ ଓ ଡ଼ଃ ଅଭିଜିତ ରାଉତ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଏଚ. ଆଇ. ଭି ଓ ଏଡ୍ସ ସଂକ୍ରମଣର କାରଣ ଓ ତା'ର ପ୍ରତିକାର ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇବା ସହ ଆଜିର ବିଶ୍ୱ ମ୍ୟାଲେରିଆ ଦିବସ ସମ୍ପର୍କ ରେ ସୂଚନା ଦେବା ସହିତ ମ୍ୟାଲେରିଆ ର ନିରାକରଣ ଦିଗରେ ସଚେତନ କରାଇଥିଲେ । ସଭା ପ୍ରାରମ୍ଭରେ ଯୁଥ ରେଡ଼କ୍ରସ ୟୁନିଟ ର ସଂଯୋଜିକା ଅଧ୍ୟାପିକା ତନୁଶ୍ରୀ ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ଼ଃ ହାଡିବନ୍ଧୁ ବେହେରା ଓ ଅଧ୍ୟାପକ ନବକିଶୋର ବେହେରା ଏଡ୍ସ ଉପରେ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପିକା ରେଣୁବାଳା ମହାନ୍ତ, ସିପ୍ରା ମଡୁଆଳ, ଶୁଚିସ୍ମିତା ମହାନ୍ତ, ରୁଦ୍ରାଣୀ ଗିରି ଓ ମୋନାଲିସା ବିନ୍ଧାଣୀ ମଧ୍ୟ ସଭା ରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡେମନଷ୍ଟ୍ରେଟର ବିକ୍ରମାଦିତ୍ୟ ଦାସ, ସପନ ମହାନ୍ତ, କୈଳାଶ ମହାନ୍ତ, ମହେଶ୍ୱର ମହାନ୍ତ, ଅର୍ଜୁନ ବେହେରା, ସପନ ନାଥ ଓ ଯୁଥ ରେଡ଼କ୍ରସ ୟୁନିଟର ସମସ୍ତ ସ୍ୱେଚ୍ଛାସେବୀ ଛାତ୍ର ଛାତ୍ରୀ ସଫଳତାର ସହ ଆୟୋଜନ କରିବାରେ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପେଟ୍ରୋଲ୍ ପମ୍ପମାନଙ୍କୁ କଡ଼ା ତାଗିଦ...

ଏହି ନିୟମ ଉଲ୍ଲଂଘନ କଲେ ସବୁ ପେଟ୍ରୋଲ ପମ୍ପକୁ ତେଲ ଯୋଗାଣ ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଇଣ୍ଡିଆନ ଅଏଲ୍‌ର ଏକ ପେଟ୍ରୋଲ୍ ପମ୍ପରେ ଲାଗିଥିବା ନୋଟିସ୍‌ରୁ ତେଲ ବିକ୍ରି ଉପରେ କଟକଣା ଲାଗିଥିବା ଜଣାପଡ଼ିଛି। ଭୁବନେଶ୍ୱର ଆରଏସ୍‌ଏର ବିକ୍ରି ଅଧିକାରୀଙ୍କ ଦ୍ୱାରା ଜାରି ଏହି ନୋଟିସ୍‌କୁ ଗୁରୁତ୍ୱପୂର୍ଣ୍ଣ ବୋଲି ଲେଖାଯାଇଛି। ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ଏକକାଳୀନ ବିପୁଳ ପରିମାଣର ତେଲ ବିକ୍ରିକୁ ଏଡ଼ାଇବାକୁ ପେଟ୍ରୋଲ୍ ପମ୍ପମାନଙ୍କୁ କୁହାଯାଇଛି। କମ୍ପାନିର ମୁଖ୍ୟ କାର୍ଯ୍ୟାଳୟ ପ୍ରତିଦିନ ସ୍ଥିତିର ନିରୀକ୍ଷଣ କରୁଛନ୍ତି। ତେଣୁ ସଜାଗ ରହିବାକୁ ପେଟ୍ରୋଲ ପମ୍ପଗୁଡ଼ିକୁ କୁହାଯାଇଛି। ପୂର୍ବରୁ ବେସରକାରୀ ତୈଳ କମ୍ପାନି ଜିଓ-ବିପି ପକ୍ଷରୁ ନିର୍ଦ୍ଦିଷ୍ଟ ପରିମାଣଠାରୁ ଅଧିକ ତେଲ ବିକ୍ରି ଉପରେ କଟକଣା ଲଗାଯାଇଥିବା ଖବର ସାମନାକୁ ଆସିଥିଲା, ଯାହାକୁ କମ୍ପାନି ଖଣ୍ଡନ କରିଥିଲା। ଏବେ ଇଣ୍ଡିଆନ ଅଏଲ୍ ଭଳି ଦେଶର ଏକ ନମ୍ବର ତୈଳ କମ୍ପାନିର ପେଟ୍ରୋଲ୍ ପମ୍ପରେ ନୋଟିସ୍ ଲାଗିବା ଏକ ଅଲଗା ସ୍ଥିତିକୁ ଦର୍ଶାଉଛି। ରାଜ୍ୟରେ ତିନି ସରକାରୀ ତୈଳ କମ୍ପାନି ଇଣ୍ଡିଆନ ଅଏଲ୍, ଭାରତ ପେଟ୍ରୋଲିୟମ୍ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ୍‌ର ୨୫୦୦ରୁ ଅଧିକ ପେଟ୍ରୋଲ୍ ପମ୍ପ ରହିଛି। ସେଥିରୁ କେବଳ ଇଣ୍ଡିଆନ ଅଏଲ୍‌ର ୧୪୦୦ ପାଖାପାଖି ପେଟ୍ରୋଲ୍ ପମ୍ପ ରହିଛି। ଭୁବନେଶ୍ୱର ଆରଏସ୍‌ଏ ପକ୍ଷରୁ କଟକଣା ଲଗାଯାଇଥିବାରୁ ତାହା ରାଜ୍ୟର ସବୁ ପେଟ୍ରୋଲ ପମ୍ପ ପାଇଁ ଲାଗୁ ହୋଇଥିବା ବିଶ୍ୱାସ କରାଯାଉଛି। ଏ ସମ୍ପର୍କରେ ଇଣ୍ଡିଆନ ଅଏଲ୍‌ର ଓଡ଼ିଶା ସିଜିଏମ୍ କମଲ ଶୀଲ କହିଛନ୍ତି ଯେ ତେଲ ବିକ୍ରି ଉପରେ କୌଣସି କଟକଣା ନାହିଁ। କେବଳ ମହଜୁଦକାରୀଙ୍କ ଉପରେ ଲଗାମ କଷିବାକୁ ଏକକାଳୀନ ବିପୁଳ ତେଲ ବିକ୍ରି ଉପରେ କଟକଣା ଲଗାଯାଇଥାଇପାରେ। ତାହା ସମ୍ପୂର୍ଣ୍ଣ ରୂପେ କମ୍ପାନିର ଆଭ୍ୟନ୍ତରୀଣ ବ୍ୟାପାର। ପେଟ୍ରୋଲ ପମ୍ପରୁ ବିପୁଳ ତେଲ ଅନ୍ୟତ୍ର ଚାଲି ନଯାଉ ବା ବାଟମାରଣା ନହେଉ, ତାହାକୁ ନିଶ୍ଚିତ କରିବା ପାଇଁ ଏହି କଟକଣା ଲଗାଯାଇଛି।

## ଆତଙ୍କବାଦୀ ଆକ୍ରମଣ ନେଇ...

ରିପୋର୍ଟ ଅନୁଯାୟୀ, ଚିଠିରେ ସମ୍ଭାବ୍ୟ ଆକ୍ରମଣ ପଛରେ ଥିବା ଦୁଇଜଣ ପ୍ରମୁଖ ଯୋଜନାକାରୀଙ୍କ ପ୍ରୋଫାଇଲ୍ ମଧ୍ୟ ଅନ୍ତର୍ଭୁକ୍ତ, ଯଦିଓ କୌଣସି ସଂଗଠନର ନାମ ପ୍ରକାଶ କରାଯାଇ ନାହିଁ। ଏଥିରେ ସନ୍ଦିଗ୍ଧ ଆକ୍ରମଣକାରୀଙ୍କୁ ଦେଶର ସାମଗ୍ରିକ ସୁରକ୍ଷା ପାଇଁ ଅତ୍ୟନ୍ତ ବିପଜ୍ଜନକ ବୋଲି ବର୍ଣ୍ଣନା କରାଯାଇଛି। ଆତଙ୍କବାଦୀ ଗୋଷ୍ଠୀ ଆକ୍ରମଣ କରିବା ପାଇଁ ଅନେକ ପଦ୍ଧତି ବ୍ୟବହାର କରିପାରନ୍ତି ସତର୍କ ସୂଚନା ଜାରି କରାଯାଇଛି। ପୁଲିସ ମୁଖ୍ୟାଳୟ ସିଆଇଡି, ସ୍ପେଶାଲ୍ ବ୍ରାଞ୍ଚ (ଏସବି), ଏବଂ କାଉଣ୍ଟର ଟେରୋରିଜିମ୍ ଆଣ୍ଡ୍ ଟ୍ରାନ୍ସନ୍ୟାସନାଲ୍ କ୍ରାଇମ୍ସ (ସିଟିଟିସି) ୟୁନିଟ୍ ସମେତ ସ୍ୱତନ୍ତ୍ର ପୁଲିସ ୟୁନିଟ୍ ?ଗୁଡ଼ିକୁ ସତର୍କତା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ସାରା ଦେଶରେ ସାଧାରଣ ପୁଲିସ ବିଭାଗକୁ ମଧ୍ୟ ହାଇ ଆଲର୍ଟରେ ରଖାଯାଇଛି ।

## ସରକାରୀ ଏକାଉଣ୍ଟ ଉପରେ ସାଇବର...

ବେତନଟୀ ୟୁକୋ ବ୍ୟାଙ୍କ ଶାଖାରେ ଥିବା ବେତନଟୀ ବ୍ଲକ ଆକାଉଣ୍ଟ ଠକେଇର ପ୍ରଥମ ଟାର୍ଗେଟ୍ ଥିଲା। ଜଣେ ଅଣଓଡ଼ିଆ ବ୍ୟକ୍ତି ନିଜକୁ ବିଡିଓଙ୍କ ଲୋକ କହି ଜାଲ୍ ଷ୍ଟାମ୍ପ ଓ ଦସ୍ତଖତ ଜରିଆରେ ଆକାଉଣ୍ଟର ମୋବାଇଲ୍ ନମ୍ବର ଓ ଇମେଲ୍ ଆଇଡି ବଦଳାଇବାକୁ କହିଲେ। ବ୍ୟାଙ୍କ କର୍ମଚାରୀ ବି ବିନା କୌଣସି ଯାଞ୍ଚରେ ସବୁ ବଦଳାଇ ଦେଲେ! ଆଉ ତା'ପରେ ଇ-ବ୍ୟାଙ୍କିଂ ଜରିଆରେ ୨ କୋଟି ୨୬ ଲକ୍ଷ ଟଙ୍କା ଅଜଣା ଆକାଉଣ୍ଟକୁ ଟ୍ରାନ୍ସଫର କରିନେଲେ ଲୁଟେରା। ସମାନ ଢଙ୍ଗରେ ବାରିପଦା ୟୁକୋ ବ୍ୟାଙ୍କରେ ଥିବା ବାରିପଦା ମ୍ୟୁନିସିପାଲିଟି ଆକାଉଣ୍ଟରୁ ମଧ୍ୟ ୧ କୋଟି ୮ ଲକ୍ଷ ୭୭ ହଜାର ଟଙ୍କା ଲୁଟ୍ ହୋଇଛି। ଏହି ଲୁଟ୍ ୨୦୨୫ ସେପ୍ଟେମ୍ବର ମାସରୁ ଚାଲିଥିବା ବେଳେ ଏବେ ଏହା ପଦାକୁ ଆସିଛି। ଯାହାର ତଦନ୍ତ ଲାଗିଛି।

## ଆମେ ଏପର୍ଯ୍ୟନ୍ତ ଆମ କ୍ଷେପଣାସ୍ତ୍ର କ୍ଷମତାର...

ଇରାନର ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ବ୍ରିଗେଡିୟର ଜେନେରାଲ ରେଜା ତଲାଇ-ନିକ୍ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଜାରି କରିଛନ୍ତି। ସେ କହିଛନ୍ତି, ସାମ୍ପ୍ରତିକ ସଂଘର୍ଷ ସମୟରେ ଇରାନର କ୍ଷେପଣାସ୍ତ୍ର କ୍ଷମତାର ଏକ ବଡ଼ ଅଂଶ ଜାଣିଶୁଣି ବ୍ୟବହାର କରାଯାଇ ନଥିଲା। ଜେନେରାଲ ତଲାଇ ଦାବି କରିଛନ୍ତି, ଯୁଦ୍ଧବିରତି ପୂର୍ବରୁ ଇରାନୀ ସଶସ୍ତ୍ର ବାହିନୀ ଇସ୍ରାଏଲୀ-ଅଧିକୃତ ଅଞ୍ଚଳ ଉପରେ ଆକାଶ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ବଜାୟ ରଖିଥିଲା। ସେ ଜୋର ଦେଇ କହିଛନ୍ତି, ଇରାନ ପାଖରେ ଏବେ ବି ପର୍ଯ୍ୟାପ୍ତ ଉନ୍ନତ କ୍ଷେପଣାସ୍ତ୍ର ବାକି ଅଛି, ଯାହାକୁ ଆବଶ୍ୟକ ହେଲେ ବ୍ୟବହାର କରାଯାଇପାରିବ। ଇସ୍ରାଏଲ ଏବଂ ଆମେରିକା ସହିତ ଯୁଦ୍ଧ ସମୟରେ, ଇରାନୀ କ୍ଷେପଣାସ୍ତ୍ରଗୁଡ଼ିକ ମଧ୍ୟପ୍ରାଚ୍ୟରେ ବିପର୍ଯ୍ୟସ୍ତ ପରିସ୍ଥିତି ସୃଷ୍ଟି କରିଥିଲା। ୪୦ ଦିନିଆ ଯୁଦ୍ଧ ସମୟରେ, ଇରାନ ଏହାର ପ୍ରତିଶୋଧମୂଳକ ଆକ୍ରମଣରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ବ୍ୟବହାର କରିଥିଲା, କିନ୍ତୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଦେଶ ଏହାର ପୂର୍ଣ୍ଣ ଶକ୍ତି ନିୟୋଜିତ କରିନଥିଲା। ଇରାନୀ ଅଧିକାରୀମାନେ ଏହାକୁ ସେମାନଙ୍କର ରଣନୈତିକ ପ୍ରସ୍ତୁତିର ଏକ ଅଂଶ ବୋଲି କହୁଛନ୍ତି। ଇରାନ ଅନୁଯାୟୀ, ଦେଶ ଘରୋଇ ଭାବରେ ୧,୦୦୦ ରୁ ଅଧିକ ପ୍ରକାରର ଅସ୍ତ୍ରଶସ୍ତ୍ର ଉତ୍ପାଦନ କରେ, ଯାହା ଏହାର ପ୍ରତିରକ୍ଷା କ୍ଷମତାକୁ ଆହୁରି ମଜବୁତ କରିଛି।

# ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ ପାଳନ ସହିତ ନୂତନ ଯୋଜନାର ଶୁଭାରମ୍ଭ



ଜଳେଶ୍ୱର, ୨୫/୪ (ନି. ପ୍ର): ରାଜ୍ୟ ସ୍ତରୀୟ ପଞ୍ଚାୟତରାଜ ଦିବସ ରାଜ୍ୟ ସ୍ତରୀୟ ସମାରୋହ ବଲାଙ୍ଗୀର ଜିଲ୍ଲା ମା' ପାଟନେଶ୍ୱରୀଙ୍କ ମନ୍ଦୀର ସମ୍ମୁଖରେ ଦୀପ ପ୍ରଜ୍ଜ୍ୱଳନ କରାଯାଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ଥିବା ବେଳେ ସାରା ଓଡ଼ିଶାରେ ସମସ୍ତ ବ୍ଲକରେ ପାଳନ କରା ଯାଉଛି ।ଏହି ଅବସରରେ ଜଳେଶ୍ୱର ବ୍ଲକ ପକ୍ଷରୁ ଲେଲା କଲ୍ୟାଣ ମଣ୍ଡପରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇ ଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ଏବିଡ଼ିଓ ସୁଧୀର କୁମାର ସାହୁ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରେଣ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ସାଂସଦଙ୍କ ପ୍ରତିନିଧି ବ୍ରଜ ମୋହନ ପ୍ରଧାନ, ବିଡିଓ ଗୌରାଙ୍ଗ ଚରଣ ଘୋଷ, ବ୍ଲକ ଫାଇନାନ୍ସ ଅଫିସର ଜୀବନ କୁମାର ପରିଡ଼ା ମଞ୍ଚରେ ଉପସ୍ଥିତ ରହି ପ୍ରଥମେ ଅତିଥି ମାନେ ଉକ୍ତ ଦିବସକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ମଞ୍ଚରେ ଓଡିଶା ସରକାରଙ୍କ ଦ୍ୱାରା ହିତାଧିକାରୀ ମାନଙ୍କୁ ନୂତନ ରାସନକାର୍ଡ, ଅନ୍ତୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ, ପରିମଳ ଯୋଜନାରେ ପାଇଖାନା ଘରର କାର୍ଯ୍ୟାଦେଶ, ବିଭିନ୍ନ ଭତ୍ତା ଏହିପରି ବିଭିନ୍ନ ଯୋଜନାର କାର୍ଯ୍ୟ ଗୋଡ଼ିକ ଅତିଥିମାନଙ୍କ ଦ୍ୱାରା ବଣ୍ଟନ କରିବା ସହିତ ସରକାରଙ୍କ ଜନହିତକର କାର୍ଯ୍ୟ ବାବଦରେ ବକ୍ତବ୍ୟ ରଖିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜଳେଶ୍ୱର ବ୍ଲକର ମାର୍କେଟିଙ୍ଗ ଅଫିସର ଅବନ୍ତିକା ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ନିରଞ୍ଜନ ବିଶ୍ୱାଳ,ଜିପିଡିଓ ସବ୍ୟସାଚୀ ଦାସ, ଡବ୍ଲୁଇଓ ସଜତ ଅନୁପମ, ସିପି ସୁଜିତ କୁମାର ଜେନା, ବ୍ଲକ ପ୍ରଜେକ୍ଟ କୋର୍ଡିନେଟର ଶର୍ମିଷ୍ଠା ଚକ୍ରବର୍ତ୍ତୀ, ସିନିଅର କିରାଣୀ ଶିବସୁନ୍ଦର ଦତ୍ତଙ୍କ ସହ ମିଶନ ଶକ୍ତି ବ୍ଲକ କୋର୍ଡିନେଟର, ବ୍ଲକ ଜୀବିକା ମିଶନର ଦକ୍ଷତା ବିକାଶ କୋର୍ଡିନେଟର, ଜୀବିକା ମିଶନ ବ୍ଲକ ଲେବୁଲ କୋର୍ଡିନେଟର, ଡିଇଓ ସନ୍ତୋଷ କୁମାର ପଣ୍ଡାଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ୩୫ ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଦସ୍ୟ ସଦସ୍ୟା, ଏମବିକେ, ସିଆରପି, ଇସୀ ମେମ୍ବର, ଅଙ୍ଗନବାଡି କର୍ମୀ, ସହ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ




ବାରିପଦା, ୨୫/୪ (ନି. ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବାରିପଦାସ୍ଥିତ ସଭା ଗୃହରେ ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭି ବି ଡି) ଡା. ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାର ଆଲୋଚନା କାଳରେ ଡା. ଦାସ ସମସ୍ତ ଜ୍ୱର ରୋଗୀଙ୍କୁ ସଠିକ ସମୟରେ ରକ୍ତ ପରୀକ୍ଷା କରିବା, ନିତି ମଶାରୀ ଟାଙ୍ଗି ଶୋଇବା ଆଦି ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଘରକୁ ଘର ବୁଲି ଜ୍ୱର ରୋଗୀଙ୍କ ମ୍ୟାଲେରିଆ ରକ୍ତ ପରୀକ୍ଷା, ଏବଂ ମ୍ୟାଲେରିଆ ଚିହ୍ନଟ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା କରିବାକୁ ପଦକ୍ଷେପ ନେବା ସହ ସଠିକ ଭାବରେ କୀଟନାଶକ ସିଞ୍ଚନ କରିବା ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ (ଦମନ) କାର୍ଯ୍ୟକ୍ରମକୁ ଭଲ ଭାବରେ ରୂପାୟନ କରିବା ଆଦି ବିଷୟ ଉପରେ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଶ୍ୱ ମ୍ୟାଲେରିଆ ଦିବସର ଶପଥ ପାଠ ହୋଇଥିଲା । ଉକ୍ତ ସଭାରେ ଏଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଭେକ୍ଟୋର ବାହିତ ରୋଗ ପରାମର୍ଶଦାତା ଶ୍ରୀ ତପନ କୁମାର ସାହୁ ଜିଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି, ଗୋପବନ୍ଧୁ ଗିରି (ଏଫ ଏଲ ଏ ), ଏଏନଏମଟିସି ଟ୍ୟୁଟର୍ ଅନିତା ଦାସ ,ଫାଇଲେରିଆ ପରିଦର୍ଶକ ଦୁର୍ଗା ପ୍ରସାଦ ଦାସ ଏବଂ ବଳରାମ ବେହେରା ସକ୍ରିୟ ଭାବରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

**NILAMANI MAHAVIDYALAYA, RUPSA, BALASORE**
Letter No. 312. Email:- nmv.rupsa@gmail.com. Ph: 9938532252
Date- 24/4/26
**Corrigendum to Letter No. 287. Dated : 10.04.2026**
The items and sepeifications mentioned in the daily News Papers and college website are both acceptable
Sd/-
Principal
Nilamani Mahavidyalaya, Rupsa

# ଟ୍ରକ୍ ଧକ୍କାରେ ବାପା ଅକର୍ମଣ୍ୟ, ସ୍ତ୍ରୀ କର୍କଟ ଆକ୍ରାନ୍ତ, ପରିବାରର ସାହା କିଏ ?



ବୈଶିଙ୍ଗା, ୨୫/୪ (ନି. ପ୍ର): ଜୀବନର ପରିସ୍ଥିତି ବେଳେବେଳେ ଏ ଭଳି ହୋଇଥାଏ ଯେ, ତାହା ସହ୍ୟ କରିବା କଷ୍ଟକର। ଏଭଳି ଏକ ଦୃଶ୍ୟ ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅନ୍ତର୍ଗତ କଳମା ପଂଚାୟତ କଳମା ଗାଁରେ ଦେଖାଯାଇଛି । ଗାଁର ପ୍ରଭାସ ଯେନା (୮୫)ଙ୍କ ପରିବାର କହିଲେ ସ୍ତ୍ରୀ ଭାରତୀ ଏବଂ ତାଙ୍କର ଜଣେ ପୁଅ ରବିନ୍ଦ୍ର ଓରଫ ବାବୁ (୪୦) । ୪ ଝିଅଙ୍କ ବିବାହ ସରିଛି । ପ୍ରାୟ ୫ ବର୍ଷ ତଳେ ସେ ତାଙ୍କ ଘରକୁ ଯିବା ପାଇଁ ରାସ୍ତା ପାରି ହେଉଥିଲେ । ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ତାଙ୍କ ଘରର ଠିକ ସମ୍ମୁଖରେ ଏକ ଟ୍ରକ ଧକ୍କାରେ ସେ ଗୋଡ଼ ହାତ ହରାଇ ସବୁଦିନ ପାଇଁ ପଙ୍ଗୁ ହୋଇଗଲେ। ସେବେଠାରୁ ସେ ଶଯ୍ୟାଶାୟୀ । ସ୍ତ୍ରୀ ଭାରତୀ ଘର ଆଗରେ ଗୋଟିଏ ଚା' ପାନ ଦୋକାନ କରି ପରିବାର ଚଳାଇବା ଆରମ୍ଭ କଲେ । ପରିବାରର ବୋଝ ପାଇଁ ପୁଅ ରବି ସ୍ତ୍ରୀ ଆରତୀଙ୍କୁ ଧରି ବେଙ୍ଗାଲୁରୁ ଚାଲିଗଲେ । ସେଠାରେ କାମ କରିବା ସମୟରେ ଆରତୀଙ୍କ ପେଟ ଯନ୍ତ୍ରଣା ବୃଦ୍ଧି ପାଇଲା। ଘରକୁ ଫେରି-ଡାକ୍ତରଙ୍କୁ ଦେଖାଇବା ପରେ ପରୀକ୍ଷାରୁ କ୍ୟାନସର ହୋଇଥିବା ଜଣାପଡ଼ିଲା । ବାହାରେ ରହୁଥିବାରୁ ରାସନ କାର୍ଡ଼ ନାହିଁ କି ଅୟୁଷ୍ମାନ କାର୍ଡ଼ ବି ନାହିଁ । ଫଳରେ ବୃଦ୍ଧ ଶଯ୍ୟାଶାୟୀ ପିତାଙ୍କ ସହ ସ୍ତ୍ରୀଙ୍କ କ୍ୟାନସରର ଦୁଃଖ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇ ପଡିଲା । ପଲିଥିନ ଘେରା ଘର ଭିତରେ ଏବେ ଚାରି ପ୍ରାଣୀ ପରସ୍ପରକୁ ଦେଖି କେବଳ କାନ୍ଦିବା ସାର ହୋଇଛି । ନା ଆବାସ ମିଳୁଛି ନା ରହିବା ପାଇଁ ବାସ ଅଛି । ତେବେ ଜଣେ ପଡ଼ୋଶୀ ସାମାଜିକ କର୍ମୀ କୁମୁଦିନୀ ଦାସ, ଦୀନମାନସ ଜାଗରଣ ପରିଷଦର ସୁଶାନ୍ତ ସାହୁ, ରଞ୍ଜିତ ସିଂ ଏବଂ ପର୍ଶୁରାମ ଜେନା ପ୍ରମୁଖ ତାଙ୍କ ଘରକୁ ଯାଇ ଘଟଣା ବୁଝିବା ସହ ପରିବାର ପାଇଁ କୌଣସି ସହୃଦୟ ବ୍ୟକ୍ତି ସହାୟତାର ହାତ ବଢ଼ାଇବା ପାଇଁ ନିବେଦନ କରିଛନ୍ତି । ସହାୟତା ପାଇଁ ୯୦୮୭୫୭୦୨୭୫ ନମ୍ବରରେ ଯୋଗାଯୋଗ ପାଇଁ ଅନୁରୋଧ କରିଛନ୍ତି ।

# ଖଇରା ବ୍ଲକ ଓ ରଟିଂଣା ପଞ୍ଚାୟତରେ ପଞ୍ଚାୟତିରାଜ ଦିବସ

## ୩୭୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କଲେ ବିଧାୟକ



ଖଇରା, ୨୫/୪ (ନି. ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ତଥା ରଟିଂଣା ପଞ୍ଚାୟତ କାର୍ଯ୍ୟାଳୟରେ ଜାତୀୟ ପଞ୍ଚାୟତି ରାଜ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଖଇରା ବ୍ଲକ ପରିସରରେ ୩୭୦ଜଣ ଅସହାୟ, ଦିବ୍ୟାଙ୍ଗ, ଅଗ୍ନି ଓ ବାତ୍ୟା ବିପନ୍ନଙ୍କୁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ଓ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି । ବିଡିଓ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିର୍ବାଚିତ ପ୍ରତିନିଧି ମାନେ ଦଳମତ ନିର୍ବିଶେଷରୁ ଉର୍ଦ୍ଧରେ ରହି ଲୋକଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ । ଖଇରା ବ୍ଲକରେ ବିଭିନ୍ନ ଯୋଜନାରେ ଉଲ୍ଲେଖନୀୟ ଅଗ୍ରଗତି ପାଇଁ ଖଇରା ବ୍ଲକ ଜିଲ୍ଲାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବାରୁ ବିଧାୟକ ବିଡିଓ ତଥା ବ୍ଲକ ପ୍ରଶାସନକୁ ପ୍ରଶଂସା କରିବା ସହ ବିଡିଓଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ । ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସଭ୍ୟ ମାନସ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିସହ ବିଧାୟକ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ମାନଙ୍କୁ ମଧ୍ୟ ଉତ୍ତରୀୟ ଦେଇ ସମ୍ମାନୀତ କରିଥିଲେ । ବ୍ରହ୍ମାନନ୍ଦ ଦାଶ, ଶଶିକାନ୍ତ ଦାସ, ବିଜୟ କେତନ ସାହୁ, ଅନନ୍ତ କୁଅଁର, ଅଶୋକ ପାତ୍ରଙ୍କ ସମେତ ମହିଳା ମହାସଂଘ ର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ । ସେହିଭଳି ଖଇରା ବ୍ଲକ ଅଧୀନ ରଟିଂଣା ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ସରପଞ୍ଚ ବାସନ୍ତୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମିତିସଭ୍ୟା ଛବିଳତା ମହାପାତ୍ର, ଶିକ୍ଷାବିତ ସୁରେନ୍ଦ୍ର ବେହେରା, ରମେଶ ପୁହାଣ, ସୁଦର୍ଶନ ସାହୁ, ବୟୋଜ୍ୟେଷ୍ଠ ବ୍ୟକ୍ତି କରୁଣାକର ମହାପାତ୍ର, ଅର୍ଜୁନ ଶତପଥି, ଗୋପିନାଥ ପାଢୀ, ପ୍ରାକ୍ତନ ଅଧ୍ୟାପକ ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପଞ୍ଚାୟତରାଜ ବ୍ୟବସ୍ଥାରେ କରାଯାଉଥିବା ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅଞ୍ଜନ ମହାପାତ୍ର, ପ୍ରଭାତ ଜେନା, ହରେକୃଷ୍ଣ ମହାକୁଡ, କୈଳାସ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଭଦ୍ରକରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ



ଭଦ୍ରକ, ୨୫/୪ (ନି. ପ୍ର):ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ୨୦୨୬ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହେଇ ଯାଇଛି । ଏହାକୁ ଆନୁଷ୍ଠାନିକ ଭାବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀ ଉଦ୍ଘାଟନ କରି କିପରି ଜିଲ୍ଲାକୁ ସମଗ୍ର ଭରତରେ ପ୍ରାଣୀ ପାଳନ କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା ଭାବରେ ପରିଗଣିତ କରିବା ସେଥିପାଇଁ ସମସ୍ତ ପ୍ରାଣୀ ଚିକିତ୍ସକ ମାନଙ୍କୁ ଏକାଠି ହୋଇ ନିରନ୍ତର ଚେଷ୍ଟା କରିବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ଭଦ୍ରକ ଜିଲ୍ଲା ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାୟ ଭଦ୍ରକ ଜିଲ୍ଲା ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ କ୍ଷେତ୍ରରେ ଏ ବର୍ଷ ୧୮ ତମ ସ୍ଥାନରୁ ଉନ୍ନୀତ ହୋଇ ସମଗ୍ର ରାଜ୍ୟରେ ଚତୁର୍ଥ ସ୍ଥାନ ହାସଲ କରିଥିବାରୁ ସମସ୍ତ ପ୍ରାଣୀ ପାଳନ ବିଭାଗର କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେ ମଧ୍ୟ ଏହି ଦିବସ ଅବସରରେ ଆଗାମୀ ଆର୍ଥିକ ବର୍ଷରେ କିପରି ଭଦ୍ରକ ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଜିଲ୍ଲାରେ ପରିଣତ କରିହେବ ସେଥିପାଇଁ ସମସ୍ତ ପ୍ରାଣୀ ଚିକିତ୍ସକ ଓ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ଭଦ୍ରକ ଜିଲ୍ଲାର ପ୍ରାଣୀ ପାଳନ ବିଭାଗର କାର୍ଯ୍ୟକାରିତା ଉପରେ ସନ୍ତୋଷ ବ୍ୟକ୍ତ କରିବା ସହିତ ପ୍ରାଣୀ ଚିକିତ୍ସକମାନେ କିପରି ସମାଜ ପାଇଁ ଖାଦ୍ୟ ସୁରକ୍ଷା ଓ ଖାଦ୍ୟ ନିରାପତ୍ତାର ଅଭିଭାବକ ଭାବେ କାର୍ଯ୍ୟ କରୁଛନ୍ତି, ସେ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ, ପ୍ରାଣୀ ଚିକିତ୍ସା ବିଭାଗ ଡା. ସଞ୍ଜୟ କୁମାର ପଣ୍ଡା ପ୍ରାଣୀ ଚିକିତ୍ସକମାନଙ୍କର ସମାଜ ଗଠନରେ ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମତପ୍ରକାଶ କରିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ହୃଷୀକେଶ ବେହେରା ନିଜ ବକ୍ତବ୍ୟରେ କହିଥିଲେ ଯେ, ସମସ୍ତଙ୍କ ସହଯୋଗ ଓ କାର୍ଯ୍ୟଦକ୍ଷତା ବଳରେ ଭଦ୍ରକ ଜିଲ୍ଲା ଏକ ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ ହୋଇପାରିଛି। ସୁରକ୍ଷିତ ଖାଦ୍ୟ ଓ ସୁରକ୍ଷିତ ମାନବ ସମାଜ ଗଠନରେ ପ୍ରାଣୀ ଚିକିତ୍ସକମାନଙ୍କ ଅବଦାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।ଏହି ଦିବସରେ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀଧନ ନିରୀକ୍ଷକ ଓ ୭୦ ଜଣ ଅଗ୍ରଣୀ ଚାଷୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୪ ଜଣ ଅଗ୍ରଣୀ ଚାଷୀଙ୍କୁ ଉନ୍ନତ ଚାଷ ପାଇଁ ପୁରସ୍କୃତ କରାଯାଇଥିଲା

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନିଶାମୁକ୍ତ ଓଡ଼ିଶା ଜାଗରଣ ଅଭିଯାନକୁ ବାଲିଆପାଳ କଂଗ୍ରେସ ପକ୍ଷରୁ ଭବ୍ୟସ୍ୱାଗତ

ବାଲିଆପାଳ ୨୫/୪(ନି ପ୍ର ) ନିଶା ସାରା ଦେଶକୁ କବଳିତ କରି ସାରିଲାଣି। ନିଶା ପାଇଁ ପରିବାର ମଧ୍ୟରେ ଆସନ୍ତି, ସଡ଼କ ଦୁର୍ଘଟଣା, ଲୋଟତରାଜ, ଛିନ ତାଇ ପରି ବିଭିନ୍ନ ଅସାମାଜିକ କାର୍ଯ୍ୟ ସହିତ ପ୍ରତି ଘରେ ନିଶା ସେବନ ଦ୍ୱାରା ମାରାତ୍ମକ ରୋଗରେ ଆକ୍ରଣଙ୍କ ସଂଖ୍ୟା ବଢ଼ୁଛି। ଏହି ସବୁକୁ ଦୃଷ୍ଟିରେ ରଖି ଓଡ଼ିଶା ପ୍ରଦେଶ କଂଗ୍ରେସ ନିଶାମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ଚଳିତ ମାସ ୧୪ ତରିଖରୁ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମ ସ୍ଥାନ ପବିତ୍ର ସୁଆଣ୍ଡୋ ଠାରୁ ନିଶାମୁକ୍ତ ଓଡ଼ିଶା ଜାଗରଣ ଅଭିଯାନ ସଚେତନତା ପାଇଁ ବାହାରି ଶନିବାର ପୂର୍ବାହ୍ନ ସାଢ଼େ ଏଗାରଟା ସମୟରେ ବାଲିଆପାଳରେ ପହଞ୍ଚିଥିଲା। ଏହି ରାଜ୍ୟ ସ୍ତରୀୟ ନିଶା ମୁକ୍ତ ଅଭିଯାନ ରେ ପ୍ରଦେଶ ଓଡ଼ିଶା ଚେୟାର ମ୍ୟାନ ଏସ ସି ଡିପାର୍ଟମେଣ୍ଟ ମାନସ କୁମାର ମଲ୍ଲିକ, ଅଲ ଓଡ଼ିଶା କଂଗ୍ରେସ ପ୍ରେସିଡେଣ୍ଟ ପିସିସି ରାଜକିଶୋର ନାୟକ, ବାଲେଶ୍ୱର ଜିଲ୍ଲା ଏସସି ସେଲ ସଭାପତି ବିଧାନ କୁମାର ଜେନା, ଶିବ ଚାରଣ ମଲ୍ଲିକ, ସେକ୍ରେଟାରୀ ପିସିସି ଓଡ଼ିଶା, ରଞ୍ଜନ କୁମାର ସେଠୀ,ଓଡ଼ିଶା ପିସିସି ଭାଇସ ପ୍ରେସିଡେଣ୍ଟଙ୍କ ସହିତ ବିକାଶ ଦାସ, ପ୍ରମଥ କୁମାର ମାନିକ ପ୍ରମୁଖ ବାଲିଆପାଳର ବ୍ଲକ ଛକ ନିକଟରେ ପହଞ୍ଚିବା ପରେ ବାଲିଆପାଳ ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି ମୁରଲୀ ମୋହନ ସାହୁ, ବସ୍ତା ନିର୍ବାଚନ ମଣ୍ଡଳୀୟ କଂଗ୍ରେସ ନେତା ବିଜନ ନାୟକ, ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ବିଶ୍ୱାଳ , ଦେଉଳା ସରପଞ୍ଚ ସରୋଜ ପିଳା, ଭବେଶ ଚନ୍ଦ୍ର ପ୍ରଧାନ,ତିର୍ଥ ନାଗ, ଅଶ୍ୱିନୀ ଦାସ ପ୍ରମୁଖ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ପ୍ର. ପ୍ରମୋଦ କୁମାର ସାମଲ ଓ ବିଦ୍ୟାଧର ବେହେରାଙ୍କ ବିୟୋଗରେ ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୨୫/୪ (ନି.ପ୍ର): ଦୀନକୃଷ୍ଣ ମହାବିଦ୍ୟାଳୟ ଜଳେଶ୍ୱରର ପ୍ରାକ୍ତନ ଅଧ୍ୟାପକ ତଥା ଓଡ଼ିଶାର ସୁପ୍ରତିଷ୍ଠିତ ସାହିତ୍ୟିକ ପ୍ର. ପ୍ରମୋଦକୁମାର ସାମଲ ଏବଂ ବସ୍ତା ମାଟିର ଜନ୍ମିତ ସୁଲେଖକ ବିଦ୍ୟାଧର ବେହେରାଙ୍କର ଗତ ୧୯ ତାରିଖରେ ପରଲୋକଗମନ ଘଟିଛି। ଉଭୟ ଲେଖକଙ୍କର ଉପାଦେୟ ସୁଖପାଠ୍ୟ ପୁସ୍ତକ 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ବାଲେଶ୍ୱର ପକ୍ଷରୁ ପ୍ରକାଶ ପାଇଥିଲା। ଉଭୟ ଲେଖକଙ୍କ ତିରୋଧାନରେ ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପ୍ର. ପ୍ରମୋଦ କୁମାର ସାମଲ ଯାଜପୁର ଜିଲ୍ଲାର ବଡ଼ଚଣା ନିକଟବର୍ତ୍ତୀ ଜଗନ୍ନାଥପୁର ଗ୍ରାମରେ ୧୯୪୫ ମସିହା ୨୨ ଜାନୁୟାରୀରେ ଜନ୍ମଗ୍ରହଣ କରିଥିଲେ। ସେ ଓଡ଼ିଶାର ବହୁ ପ୍ରତିଷ୍ଠିତ ମହାବିଦ୍ୟାଳୟରେ ଅଧ୍ୟାପକ, ପ୍ରାଧ୍ୟାପକ ଓ ଅଧ୍ୟକ୍ଷ ପଦ ମଣ୍ଡନ କରି ୨୦୦୫ରେ ଅବସର ନେଇଥିଲେ। ୪୦ବର୍ଷରୁ ଊର୍ଦ୍ଧ୍ୱକାଳ ସେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସାଧନାରତ ଥାଇ ୧୨ଖଣ୍ଡ ମୌଳିକ ଗ୍ରନ୍ଥ ରଚନା କରିବାରେ ସଫଳ ହୋଇଥିଲେ। 'ସମୀକ୍ଷାୟନ' ନାମକ ତାଙ୍କର ଏକ ଚର୍ଚ୍ଚିତ ପ୍ରବନ୍ଧ ପୁସ୍ତକ ସୁବର୍ଣ୍ଣଶ୍ରୀରୁ ପ୍ରକାଶ ପାଇଥିଲା। ସେହିଭଳି ଭାବେ ବସ୍ତା ନିକଟବର୍ତ୍ତୀ ଉପରତାପଣ୍ଡା ଗ୍ରାମରେ ଜନ୍ମିତ ବିଦ୍ୟାଧର ବେହେରାଙ୍କର ୮୬ବର୍ଷ ବୟସରେ ଦେହାନ୍ତ ହୋଇଛି। ସ୍ୱଳ୍ପ ଶିକ୍ଷା ମଧ୍ୟରେ କିନ୍ତୁ ଭାରତର ସ୍ୱାଧୀନତା ସଂଗ୍ରାମ ଓ ତା ପରବର୍ତ୍ତୀ ଆମ ଦେଶର ବହୁବିଧ ରାଜନୀତିକ ଓ ସାମାଜିକ ଘଟଣା ଉପରେ ସେ ନିରନ୍ତର ଅଧ୍ୟୟନ କରି ୬ଗୋଟି ଗ୍ରନ୍ଥ ରଚନା କରିବାରେ ସଫଳ ହୋଇଥିଲେ। 'ଗାନ୍ଧିଜୀଙ୍କ ହତ୍ୟା ଅନ୍ତରାଳେ' ଏବଂ '୧୮୫୭ର ରାଜକ୍ରାନ୍ତି : ବିଚାର ଓ ବିଶ୍ଳେଷଣ' ପୁସ୍ତକ ପାଇଁ ସେ ସାରା ଓଡ଼ିଶାର ପାଠକମାନଙ୍କ ନିକଟରେ ଖୁବ୍ ପରିଚିତ ଥିଲେ। 'ଅମର ଶହୀଦ ଭଗତସିଂହ', 'ଭାରତୀୟ କ୍ରାନ୍ତିକାରୀ', 'ଅନ୍ଧବିଶ୍ୱାସ' ଓ 'ଆଦିମାନବ' ନାମକ ୪ଖଣ୍ଡ ଗବେଷଣାଧର୍ମୀ ପୁସ୍ତକ ପ୍ରକାଶନ ଅପେକ୍ଷାରେ ରହିଛି। ଉଭୟ ଲେଖକଙ୍କର ନିଧନ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏକ ଶୂନ୍ୟତା କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନ ପରିସରରେ ବହୁ ବ୍ୟକ୍ତି ମତପୋଷଣ କରିଥିଲେ। ଏଥିରେ ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନର ପ୍ରତିଷ୍ଠାତା ଡ. କାଳୀପଦ ପଣ୍ଡା, ବିଶିଷ୍ଟ ଲେଖକ ଡ. ରମାକାନ୍ତ ବେହେରା, ଧ୍ୱନିପ୍ରତିଧ୍ୱନିର ସଂପାଦିକା ସୈରିନ୍ଧ୍ରୀ ସାହୁ, ଔପନ୍ୟାସିକ ସୃଷ୍ଟିଧର ପରିଡ଼ା, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ବିଜନ କୁମାର ଦେ, ସୁଧାକର ସେଠୀ, ଜିତେନ୍ଦ୍ର କୁମାର ପୁହାଣ, ଡ. ସୁବର୍ଣ୍ଣ କେଶରୀ ସାମଲ, ଅଶ୍ୱିନୀ କୁମାର ମହାନ୍ତି, ଆଡ଼ଭୋକେଟ ବିଜୟ କୁମାର ପାଣିଗ୍ରହୀ, ଝଡ଼େଶ୍ୱର ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ।

# ସାରଡାଙ୍ଗରେ ଆରମ୍ଭ ହେଲା ୨୩୧ ତମ ହରିହାଟ ଉତ୍ସବ

## ସାଂସ୍କୃତିକ କାର୍ଯ୍ୟକ୍ରମ "ଅନ୍ୱେଷଣ"ରେ ଭାଗନେଲେ ୭୨ପ୍ରତିଯୋଗୀ




ଖଇରା ୨୫/୪(ନି ପ୍ର )ପ୍ରତିବର୍ଷ ପରି ଖଇରା ବ୍ଲକ ଅଧୀନ ସାରଡାଙ୍ଗ ଠାରେ ପାଳିତ ହୋଇ ଆସୁଥିବା ହରିହାଟ ଉତ୍ସବ ୨୩୧ବର୍ଷରେ ପଦାର୍ପଣ କରିଥିବା ବେଳେ ଚଳିତ ବର୍ଷ ଉକ୍ତ ଉତ୍ସବ ୨୦ତାରିଖଠାରୁ ଆରମ୍ଭ ହୋଇଛି । ଅକ୍ଷୟ ତୃତୀୟାରେ କଳସ ଅଣାଯାଇଥିବା ବେଳେ ୨୧ରୁ ୨୩ ୩ଦିନ ଧରି ଶ୍ରୀ ଜଗନ୍ନାଥ ସେବା ସଙ୍ଗଠନର ମୁଖ୍ୟ ଅନିରୁଦ୍ଧ ପଣ୍ଡାଙ୍କ ଦ୍ୱାରା ପ୍ରତିଭା ପ୍ରଦର୍ଶନ ଓ ପ୍ରତିଯୋଗିତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୱେଷଣ ଆୟୋଜନ କରାଯାଇଥିଲା । ଖଇରା ଓ ସିମୁଳିଆ ବ୍ଲକରୁ ୭୨ଜଣ ପ୍ରତିଯୋଗୀ ନୃତ୍ୟ, ଅଭିନୟ, ଶଙ୍ଖଫୁଙ୍କାରେ ପାରଦର୍ଶିତା ଦେଖାଇଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ହରିହାଟ କମିଟିର ସମ୍ପାଦକ ଜ୍ୟୋତି ପ୍ରକାଶ କର, କୋଷାଧ୍ୟକ୍ଷ ନିରଞ୍ଜନ ସେଠୀ, ସଦସ୍ୟ ଭାସ୍କର ଘଡେଇ, କୈଳାସ ଦାସ.ଶୁକ ଜେନା, ବସନ୍ତ ଦାସ, ଗଙ୍ଗା ସେଠୀ, ଦିଲ୍ଲିପ କର, ଅକ୍ଷୟ ଜେନା, ସରୋଜ ବେହେରା, ସୀତାକାନ୍ତ ପତି, ଉପଦେଷ୍ଟା ନାରାୟଣ ପଣ୍ଡା, ମନୋରଞ୍ଜନ ପଣ୍ଡା, ଛାୟାକାନ୍ତ ମହାନ୍ତି, ବୈକୁଣ୍ଠ ସେଠୀ ଓ ନବ କିଶୋର ପଣ୍ଡା ସହଯୋଗ କରିଥିଲେ।

# ଜାତୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ଭଦ୍ରକରେ ଜିଲ୍ଲାସ୍ତରୀୟ ପଞ୍ଚାୟତ ଦିବସ ପାଳିତ




ଭଦ୍ରକ, ୨୫/୪ (ନି.ପ୍ର): ଭଦ୍ରକ ବଲାଙ୍ଗୀରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କ ଉଦ୍ବୋଧନକୁ ଭଦ୍ରକରେ ସିଧା ପ୍ରସାରଣ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ଭଦ୍ରକ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଉର୍ମିଳା ନାୟକ, ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାୟ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଦେବବ୍ରତ ମହାପାତ୍ର ପ୍ରମୁଖ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ଉପସ୍ଥିତ ଥିଲେ।ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୬ ଅବସରରେ ଭଦ୍ରକ ଜିଲ୍ଲାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସମୁଦାୟ ୫୭୭ ଜଣ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମୀଣ ବିକାଶ ଓ ସ୍ୱଚ୍ଛତା ଯୋଜନା ଅନ୍ତର୍ଗତ ଯୋଗ୍ୟ ହିତାଧିକାରୀମାନଙ୍କୁ ସହାୟତା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନା ଅନ୍ତର୍ଗତ ୬ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହିପରି ପ୍ରୋତ୍ସାହନ ରାଶି ଭାବେ ୩ ଜଣ ହିତାଧିକାରୀଙ୍କୁ ପ୍ରତିଜଣ ୨୦ ହଜାର ଟଙ୍କା ଓ ଜଣେ ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅନ୍ତର୍ଗତ ଜିଲ୍ଲାର ସାତଟି ବ୍ଲକର ଗ୍ରାମ ପଞ୍ଚାୟତକୁ ସମ୍ମାନିତ କରାଯାଇଥିଲା। ଏଥିରେ ବାସୁଦେବପୁର ବ୍ଲକର ରାଜଘର ପୋଖରୀ, ଭଦ୍ରକ ବ୍ଲକର ଜଗଦଲପୁର, ଭଣ୍ଡାରିପୋଖରୀ ବ୍ଲକର ନେରଡା, ବନ୍ତ ବ୍ଲକର ତୋଡ଼ଗାଁ, ଚାନ୍ଦବାଲି ବ୍ଲକର ମୌସୁଧା, ଧାମନଗର ବ୍ଲକର ଅସୁରାଳି ଓ ତିହିଡ଼ି ବ୍ଲକର ମଙ୍ଗଳପୁର ଗ୍ରାମପଞ୍ଚାୟତ ସାମିଲ ରହିଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ସହ ଗ୍ରାମୀଣ ଉନ୍ନୟନରେ ଜନସାମାନ୍ୟଙ୍କ ସକ୍ରିୟ ସହଭାଗିତା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା।ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୬ ଅବସରରେ ଭଦ୍ରକ ଜିଲ୍ଲାର ବିଭିନ୍ନ ଯୋଜନାରେ କୃତୀତ୍ୱ ହାସଲ କରିଥିବା ଗ୍ରାମପଞ୍ଚାୟତମାନଙ୍କୁ ପୁରସ୍କୃତ କରାଯାଇଛି। ୧୫ତମ କେନ୍ଦ୍ରୀୟ ଅର୍ଥ କମିଶନ ଖର୍ଚ୍ଚ କ୍ଷେତ୍ରରେ ଭଣ୍ଡାରିପୋଖରୀ ବ୍ଲକର ପାଟୁଳି ଗ୍ରାମପଞ୍ଚାୟତ ପ୍ରଥମ ସ୍ଥାନ, ଭଦ୍ରକ ବ୍ଲକର ହରିପୁର ଦ୍ୱିତୀୟ ସ୍ଥାନ ଏବଂ ଧାମନଗର ବ୍ଲକର ଫତେପୁର ତୃତୀୟ ସ୍ଥାନ ଅଧିକାର କରିଛି

# ସୌନ୍ଦର୍ଯ୍ୟ ବିହୀନ ଥିଲା କାଉନସିଲ ବଡ଼ି: ଆଦୌ ନଥିଲେ ମହିଳା କାଉନସିଲର

## ପ୍ରେମଲତା ପ୍ରଥମ ମହିଳା ନଗରପାଳ, ମାର୍ଶାଲ ପ୍ରଥମ ମହିଳା ଉପନଗରପାଳ



ଉଦଳା, ୨୫/୪(ନି ପ୍ର )ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ଏବେ ୫୩ବର୍ଷ ବୟସରେ ପଦାର୍ପଣ କରିଛି । ଏହାର ରଜତ ଜୟନ୍ତି ଓ ସୁବର୍ଣ୍ଣ ଜୟନ୍ତି ଉତ୍ସବ ବେଶ ଯାକ ଜମକରେ ପାଳିତ ହୋଇ ଯାଇଛି । ଇତି ମଧ୍ୟରେ ଏଠାରେ ଗଠନ ହୋଇଥିବା କାଉନସିଲ ବଡ଼ି ଉପରେ ନଜର ପକାଇଲେ ଅନେକ କିଛି କଥା ଆଖିଆଗକୁ ଆସୁଛି । ଲକ୍ଷ୍ମୀକାନ୍ତ ବାରିକ ନଗରପାଳ ଥିବା ସମୟରେ ଯେଉଁ ନିର୍ବାଚିତ କାଉନସିଲବଡ଼ି କ୍ଷମତାରେ ଥିଲା, ଏଥିରେ ଜଣେ ହେଲେ ମହିଳା କାଉନସିଲର ନଥିଲେ । ଏଥିପାଇଁ ଏହା ଏକ ସୌନ୍ଦର୍ଯ୍ୟ ବିହୀନ କାଉନସିଲ ବଡ଼ି ଭାବରେ ଚର୍ଚ୍ଚାର ପରିସରକୁ ଆସିଥିଲା । ଗଣତନ୍ତ୍ରର ଏଭଳି ଏକ ସୁନ୍ଦର ମନ୍ଦିରରେ ମହିଳାଙ୍କ ଯୋଗଦାନ ଆଦୌ ନଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷର ବାତାବରଣ ଖେଳିଯାଇଥିଲା । ପରେ ମହିଳାଙ୍କ ପାଇଁ ସଂରକ୍ଷିତ ଆସନ ରହିବା ପରେ, ବହୁ ସଂଖ୍ୟାରେ ମହିଳା ରାଜନୀତିରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଗଣତନ୍ତ୍ର ଶାସନକୁ ଅଧିକ ସୁଦୃଢ଼ କରିବା ପାଇଁ ଏହାଯେ ଏକ ଶୁଭ ସଂକେତ ଏହା ବୁଝିବାରେ କିଛି ଅସୁବିଧା ହେଉନାହିଁ । ମାର୍ଶାଲ ମାଝୀ ଉଦଳା ବିଜ୍ଞାପିତ ଅଂଚଳର ପ୍ରଥମ ମହିଳା ଉପନଗରପାଳ ଭାବରେ ନିର୍ବାଚିତ ହୋଇଥିବା ବେଳେ ପ୍ରେମଲତା ଜେନା ପ୍ରଥମ ମହିଳା ନଗରପାଳ ଭାବରେ ନିର୍ବାଚିତ ହୋଇଥିଲେ । ଏ ଦୁହେଁ ଯାକ ବେଶ ଦକ୍ଷତାର ସହ ନିଜର ଦାୟିତ୍ୱ ମଧ୍ୟ ତୁଲାଇଥିଲେ । ଏହିଭଳି ଭାବରେ ଉଦଳା ରାଜନୀତିକୁ ମହିଳାଙ୍କ ପ୍ରବେଶ ଉଦଳା ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି । କିଛିବର୍ଷ ତଳେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ସୁବର୍ଣ୍ଣ ଜୟନ୍ତି ଉତ୍ସବ ପାଳିତ ହୋଇଥିଲା । ଉକ୍ତ ଉତ୍ସବ ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇଥିଲା । ଯାହାକି ଖୁବ୍ ଆକର୍ଷଣୀୟ ହେବା ସହିତ ସମଗ୍ର ଓଡ଼ିଶାର ଜନମାନସକୁ ପ୍ରଭାବିତ କରିପାରିଥିଲା । ପ୍ରମିଳା ପଣ୍ଡାଙ୍କ ଭଳି ଜଣେ ସାରସ୍ୱତ ସାଧିକା ଏତିକିବେଳେ ନଗରପାଳ ଦାୟିତ୍ୱରେ ଥିବାରୁ ଏହା ସମ୍ଭବ ହୋଇପାରିଥିଲା ବୋଲି କୁହାଯାଉଛି । ସେହିପରି ଅନ୍ୟତମ ସାରସ୍ୱତ ସାଧିକା ଶୋଭାରାଣି ଦାଶ, ଉଦଳା ରାଜନୀତିକୁ ପ୍ରବେଶ କରି ବିଜ୍ଞାପିତ ଅଂଚଳ ପରିଷଦର ଉପନଗରପାଳ ପଦ ଦଖଲ କରିଥିଲେ ଓ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଥିଲେ । ଏହିଭଳି ଉଦଳା ରାଜନୀତିକୁ ମହିଳାଙ୍କ ପ୍ରବେଶ ଏକ ସୁନ୍ଦର ବାତାବରଣ ସୃଷ୍ଟି କରିଛି । ଆଗାମୀ ଦିନରେ ବହୁ ଉଚ୍ଚ ଶିକ୍ଷିତ ମହିଳା ଉଦଳା ରାଜନୀତିକୁ ପ୍ରବେଶ କରିବେ ଓ ଉଦଳା ସହରକୁ ସରସ ସୁନ୍ଦର କରି ଗଢ଼ି ତୋଳିବାରେ ଅଗ୍ରଣି ଭୂମିକା ନେବେ ବୋଲି ଆଶା କରାଯାଉଛି ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ମୁନି ସମାଜର ଶୁଭ ଜନ୍ମଦିନ ପାଳନ



ରୂପସା, ୨୫/୪ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ବରେଣ୍ୟ ଯୋଗ ସାଧିକା ମୁନିରାଜ୍ଞୀ ବିମଳା ଲେଙ୍କାଙ୍କ ନାତି ତଥା ଜେଷ୍ଠାକନ୍ୟା ଆୟୁଷ୍ମତୀ ମୁନିମତୀ ରୀତା ବିଶ୍ୱାଳ-ମୁନି ମଳୟ ବିଶ୍ୱାଳଙ୍କ ସୁ ପୁତ୍ର ଆୟୁଷ୍ମାନ ମୁନି କୁମାରଙ୍କର ଶୁଭ ଜନ୍ମଦିନ, ଜିଲ୍ଲା ଅଧକ୍ଷ , ମୁନି ସମାଜର ଜ୍ୟୋତି, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀଙ୍କ ଅଧ୍ୟକ୍ଷତାରେ, ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ହିସାବରେ ଯୋଗଦାନ୍ କରିଥିଲେ, ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ ।ବକ୍ତା ହିସାବରେ ଯୋଗଦାନ୍ କରିଥିଲେ, ଆଶ୍ରମର ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ । ଆଶ୍ରମର କୋଷାଧ୍ୟକ୍ଷ ଯୋଗୀ ଭିକାରି ଚରଣ ମୁନିଜୀ ମହୋଦୟ, ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା । ସମ୍ମାନୀତ ଅତିଥି ହିସାବରେ ଯୋଗଦାନ୍ କରିଥିଲେ, ଆତ୍ମଜ୍ଞାନୀ ମୁନି ରାଜ ଅମୂଲ୍ୟ ମୁନିଜୀ ମହୋଦୟ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ,ଆୟୁଷ୍ମାନ୍ ମୁନି କୁମାର ଅକ୍ଷୟ କୁମାରଙ୍କୁ, ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନ ଯାପନ ର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ଅକ୍ଷୟ ର ଜନ୍ମ ଠାରୁ ଆଜି ପର୍ଯ୍ୟନ୍ତ, ପ୍ରତିବର୍ଷ, ତାଙ୍କ ପିତା ମାତା ଅଜା ଆଇ ମାନେ ତାଙ୍କର ଶୁଭ ଜନ୍ମଦିନ ପାଳନ କରି କରି ଚାଲିଛନ୍ତି-ଆଶୀର୍ବାଦ ପ୍ରଦାନ କରି କରି ଚାଲିଛନ୍ତି । ସେ ବି ମଧ୍ୟ ଜଣେ ମେଧାବି ଛାତ୍ର ହିସାବରେ ନବଦୋୟରେ ଉତ୍ତୀର୍ଣ୍ଣ ହେବାପରେ ମହାବିଦ୍ୟାଳୟରେ ଅଧ୍ୟୟନ ଜାରି ରଖିଛନ୍ତି । ଯାହାର ପିତା ମାତା, ଅଜା ଆଇ, ପ୍ରତିଦିନ ଯୋଗ ସାଧନକରି ଶୁଭ ଆଶୀର୍ବାଦ କରି ଚାଲିଛନ୍ତି, ସେ ନିଷ୍ଚୟ ଜଣେ ଆଦର୍ଶ ମଣିଷଟିଏ ହିଁ ହବ ହିଁ ହବ । ଉପସ୍ଥିତ ଥିଲେ- ଆଶ୍ରମର ଉପାଧ୍ୟକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର, ଶକୁନ୍ତଳା ପରିଡ଼ା, ସୁମତୀ ବେହେରା, ବାସନ୍ତୀ ଗିରି, ଜାହ୍ନବୀ ଗିରି, ନୀନ ସାହୁ, ବାସନ୍ତୀ ପରିଡ଼ା, କୁନ୍ତୀ ମାଝୀ, ମିନତୀ ବର, ଉର୍ମିଳା ରାଉଳ, ମମତା ରାଉଳ, କୈକେୟୀ ଜେନା, ଯମୁନା ପାତ୍ର ଏବଂ ମୁନି ରାଜ ସୁବଳ ବଢେଇ, ମୁନି ଜଗଦୀଶ ପରିଡ଼ା, ସତ୍ୟ ସେନାପତି, ଖକନ ବେହେରା, ଯୋଗେନ୍ଦ୍ର ବେହେରା, ରମାକାନ୍ତ ବେହେରା, ଭଗବାନ ଜେନା, ଶଶଧର ସେନାପତି ପ୍ରମୁଖ । ଶେଷରେ ଆଇ ମୁନିରାଜ୍ଞୀ ବିମଳା ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ସୁସ୍ୱାଦୂ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ସଜନାଗଡସ୍ଥିତ ଶନିଶ୍ଚରଦେବଙ୍କ ନୂତନମନ୍ଦିର ପ୍ରତିଷ୍ଠା ସହ ପୂର୍ଣ୍ଣାହୁତି ଏବଂ ବଡପୂଜା ନୀତି ସମ୍ପୂର୍ଣ୍ଣ

ନୀଳଗିରି,୨୫/୪(ନି ପ୍ର ) ନୀଳଗିରି ସଜନାଗଡ ସ୍ଥିତ ବାବା ଶନିଶ୍ଚର ଦେବଙ୍କ ନୂତନମନ୍ଦିର ପ୍ରତିଷ୍ଠା ଉତ୍ସବ ମହାଆଡମ୍ବରରେ ପୂର୍ଣ୍ଣାହୁତି ସହିତ ବଡପୂଜା ନୀତି ସମ୍ପୂର୍ଣ୍ଣ ହୋଇଛି। ସୂଚନା ଅନୁଯାୟୀ ଅଗଷ୍ଟ ୧ ତାରିଖ ୨୦୧୮ ମସିହାରେ ଉକ୍ତଅଞ୍ଚଳର କିଛି ଧର୍ମପାରାୟଣ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଏକ ଛୋଟିଆ କୁଡିଆଘରେ ବାବା ଶନିଦେବଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। କାଳକ୍ରମେ ଏକ ଭବ୍ୟମନ୍ଦିର ଗଢିବାକୁ ଅଞ୍ଚଳର ନରେନ୍ଦ୍ର ବେହେରା, ଅଜୟ କୁମାର ପଣ୍ଡା, ଗଣେଶ୍ୱର ବେହେରା, ଭାବଗ୍ରାହୀ ନାୟକ, ସୁଶାନ୍ତ ନାୟକ, ବିଜୟ କୁମାର ସ୍ୱାଇଁ, ରତ୍ନାକର ସ, ସୁଦର୍ଶନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ଯୁଧିଷ୍ଠିର ପାତ୍ର ,କାନନ ବାଗ, ସୁମନ୍ତ ସ୍ୱାଇଁ ଭଳି ବହୁ ଉଦଯୋଗୀ ବଦାନ୍ୟ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଏକ ସୁନ୍ଦରମନ୍ଦିର ଗଢିଉଠିଲା। ଗତ ତିନିଦିନ ଧରି ଏହି ନୂତନ ମନ୍ଦିରର ପ୍ରତିଷ୍ଠାଉତ୍ସବ ପାଇଁ ଗୁରୁବାର ଠାରୁ ଘଟସ୍ଥାପନ ସହ ୩ ଶହରୁ ଉର୍ଦ୍ଧ୍ୱ ମହିଳା ସ୍ଥାନୀୟ ବଡ ପୋଖରୀରୁ ପୂର୍ଣ୍ଣଘଟ ବହନକରି ମନ୍ଦିର ସଂଲଗ୍ନ ଯଜ୍ଞମଣ୍ଡପକୁ ଅଣାଯାଇଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଢୋଲ, ମହୁରୀ, ଶଙ୍ଖ, ଘଣ୍ଟ, ଖୋଳ, କରତାଳି ଓ ସଂକୀର୍ତ୍ତନ ସହ ଘଟ ଉତ୍ତୋଳନ ଯାତ୍ରାରେ ସାମିଲ ହୋଇଥିଲେ। ତହିଁ ପରଦିନ ମନ୍ଦିର ପ୍ରତିଷ୍ଠା ସହ ଦଧିନଉତି ସ୍ଥାପନ କରାଯାଇଥିଲା। ପାଞ୍ଚଜଣ ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ ଓ ପୂଜାପାଠ ହେବା ସହିତ ଅନ୍ତିମ ଦିବସ ଶନିବାର ପ୍ରତିଷ୍ଠାଉତ୍ସବର ପୂର୍ଣ୍ଣାହୁତି ସହିତ ବଡପୂଜା ନୀତି ସମ୍ପନ୍ନ ହୋଇଥିଲା। ଏହି ତିନିଦିନ ଭଜନ, କୀର୍ତ୍ତନ ସହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କମିଟି ପକ୍ଷରୁ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ସବୁ ବର୍ଗରଲୋକ ଉତ୍ସାହର ସହିତ ସାମିଲ ହୋଇଥିବା ଦେଖିବାକୁ ମିଳିଥିବା ବେଳେ ଅନ୍ତିମଦିବସରେ ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ସମାଜସେବୀ ମଦନମୋହନ ମାଝି ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶନିଦେବଙ୍କ ଆଶିଷଭିକ୍ଷା କରିଥିବା ଦେଖାଯାଇଥିଲା ବେଳେ ଦିନ ୧୨ଟା ଠାରୁ ରାତ୍ରୀ ୧୦ ଘଟିକା ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିବା ଦେଖାଯାଇଥିଲା।

# ରିଲାଏନ୍ସ ଫେସନ୍ ୱାରଲ୍ଡ ସୋରୁମ୍ ଉଦଘାଟିତ




ବାସୁଦେବପୁର ୨୫/୪(ନି ପ୍ର) ସତସଙ୍ଗ କେନ୍ଦ୍ର ନିକଟରେ ନୂତନ ଭାବେ ରିଲାଏନ୍ସ ଫେଶନ ୱାରଲ୍ଡ ସୋ ରୁମ୍ ଖୁବ୍ ସଫଳତାର ସହିତ ଉଦଘାଟିତ ହୋଇ ଯାଇଛି। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ସୋ ରୁମ୍ କୁ ଫିତା କାଟି ଉଦଘାଟନ କରିଥିଲେ। ଏହି ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଧାମ ନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାସୁଦେବପୁର ଥାନା ଅଧିକାରୀ ନିରୋଜ କୁମାର ସାମଲ, ସମାଜ ସେବୀ ସୁରେଶ ଚନ୍ଦ୍ର ମହାନ୍ତି, ସମାଜ ସେବୀ ଭାଗୀରଥି ବଳ, କୃଷ୍ଣ ଚନ୍ଦ୍ର ଘଡେଇ, ଶିକ୍ଷାବିତ ଓ ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ। ଏହି ଉତ୍ସବରେ ସମସ୍ତ ଅତିଥି ମାନଙ୍କୁ ଉପଢୌକନ ଓ ଫୁଲତୋଡ଼ା ଓ ବିଭିନ୍ନ ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରା ଯାଇଥିଲା। ଏହି ଉତ୍ସବରେ ଏହି ସୋ ରୁମ୍ ର ପ୍ରୋପାଇଟର ଓ ନିର୍ଦ୍ଦେଶକ ପ୍ରଫୁଲ୍ଲ ମଣ୍ଡଳ, ମଦନ ମଣ୍ଡଳ, ଅମୂଲ୍ୟ ମଣ୍ଡଳ, ଭିକି ମଣ୍ଡଳ ଓ ପରିବାର ବର୍ଗ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ସୋ ରୁମ୍‌ରେ ବିଭିନ୍ନ ଷ୍ଟାଇଲର ଆକର୍ଷଣୀୟ ଲୁଗା ମିଳୁଛି। ଏଠାରେ ପ୍ରତ୍ୟେକ ପୁରୁଷ ଓ ମହିଳା ମାନଙ୍କ ପାଇଁ ଖୁବ୍ ସୁନ୍ଦର ବସ୍ତ୍ର ସୁଲଭ ମୂଲ୍ୟରେ ବିକ୍ରି କରା ଯାଉଛି। ବାସୁଦେବପୁର ସହରରେ ସମସ୍ତେ ଏହାର ସୁଯୋଗ ନେଇ ପାରିବେ ବୋଲି ନିର୍ଦ୍ଦେଶକ ମତ ପ୍ରକାଶ କରିଥିଲେ। ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida